ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୭ ନଭେମ୍ବର, ୨୦୧୮



କୁସଂସ୍କାର ଶକ୍ତି ଏତେ ବେଶି ଯେ, ବିଜ୍ଞ ଲୋକ ବି ନିର୍ବୋଧଙ୍କ ପଦାଙ୍କ ଅନୁସରଣ କରିବାକୁ ବାଧ ହୁଅନ୍ତି।
- ଫ୍ରାନ୍‌ସିସ୍ ବାକନ୍



**ସଂକ୍ଷେପରେ**

## ସ୍କୁଲ ବସ୍‌ରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ



**ରସୁଲପୁର,୬ା୧୧(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା-ଚାନ୍ଦପୁର ଛକ ନିକଟରେ ଥୁଆ ହୋଇଥିବା ଏକ ଘରୋଇ ସ୍କୁଲ ବସ୍‌ରେ ଦୁର୍ବୃତ୍ତମାନେ ସୋମବାର ବିଳମ୍ବିତ ରାତିରେ ନିଆଁ ଲଗାଇ ଦେଇଛନ୍ତି । ଏ ନେଇ ବସ୍ ମାଲିକ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଅଭିଯୋଗ ପାଇବା ପରେ ଘଟଣା ସମ୍ପର୍କରେ ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ଘରୋଇ ବିଦ୍ୟାଳୟକୁ ନେବା ଆଣିବାରେ ବ୍ୟବହୃତ ହେଉଥିବା ଏକ ମିନି ବସ୍‌ରେ କେହି ନିଆଁ ଲଗାଇ ଦେଇଥିଲେ। ଫଳରେ ବସ୍‌ର ଚକା ଦୁଇଟି ପୋଡି ଯାଇଥିଲା । ଏ ସମ୍ପର୍କରେ ବସ୍‌ର ମାଲିକ ପୂର୍ଣ୍ଣଚନ୍ଦ୍ର ଜେନା ମଙ୍ଗଳବାର ସକାଳୁ ଜାଣି ବ୍ରହ୍ମବରଦା ଫାଣ୍ଡିରେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ଫାଣ୍ଡି ଅଧିକାରୀ ସୁରେନ୍ଦ୍ର କୁମାର ରଥ ଘଟଣାର ତଦନ୍ତ କରୁଛନ୍ତି । ଏ ନେଇ ଧର୍ମଶାଳା ଥାନାରେ କେସ୍ ନଂ-୪୧୯/୧୮ରେ ଏକ ମାମଲା ରୁଜୁ କରାଯାଇଛି ।

## ରାଜ୍ୟସ୍ତରୀୟ ପୁସ୍ତକମେଳା ନିମନ୍ତେ ପ୍ରସ୍ତୁତି ବୈଠକ

**ବିରଜାକ୍ଷେତ୍ର,୬ା୧୧(ଡି.ଏନ୍.ଏ):** ଅନନ୍ୟା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଦଶମ ଯାଜପୁର ରାଜ୍ୟସ୍ତରୀୟ ପୁସ୍ତକମେଳା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନନ୍ୟା କାର୍ଯ୍ୟାଳୟଠାରେ ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ଡିସେମ୍ବର ୨୩ ତାରିଖଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି ପୁସ୍ତକମେଳା ଅନୁଷ୍ଠିତ ହେବାପାଇଁ ସ୍ଥିର କରାଯାଇଛି। ଏହି ପୁସ୍ତକମେଳା ପାଇଁ ସ୍ଥାନ ନିରୂପଣ ନିମନ୍ତେ ଜିଲା ପ୍ରଶାସନ ସହ ଯୋଗାଯୋଗ କରାଯାଇ ସ୍ଥିର ହେବାପାଇଁ ବୈଠକରେ ନିଷ୍ପତ୍ତି ନିଆଗଲା । ଏହି ପୁସ୍ତକମେଳାକୁ ଜିଲାର ସମସ୍ତ ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ, ଏମ୍‌ଇ ସ୍କୁଲ ତଥା ସମସ୍ତ ପବ୍ଲିକ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀଶିକ୍ଷକଙ୍କୁ ଆମନ୍ତ୍ରଣ କରାଯିବା ସଙ୍ଗେ ସଙ୍ଗେ ସେମାନଙ୍କ ଲାଇବ୍ରେରୀ ପାଇଁ ଏଠାରୁ ପୁସ୍ତକ କିଣିବା ନିମନ୍ତେ କୁହାଯିବ। ଏଥିପାଇଁ ଜିଲା ଶିକ୍ଷାଧିକାରୀ ଓ ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକଙ୍କୁ ସାକ୍ଷାତ କରି ସେମାନଙ୍କ ଏକ ବୈଠକ ଡାକିବାପାଇଁ ଅନୁରୋଧ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

## ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ରସୁଲପୁର,୬ା୧୧(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରଥମଖଣ୍ଡ ପଞ୍ଚାୟତ ଦାମୋଦରପୁର ଗାଁରେ ଥିବା ଅଭିରାମ ପରମହଂସ ନୋଡାଲ ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାଗ୍ୟଧର ସାହୁଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବାରବାଟୀ ଆଞ୍ଚଳିକ ସାଧନ କେନ୍ଦ୍ର ଅଧିକାରୀ ପ୍ରଦୀପ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବରେ ରସୁଲପୁର ବ୍ଲକ ଶିକ୍ଷାଧିକାରୀ ସାନ୍ତନୁ କର ମୁଖ୍ୟଅତିଥି ଭାବରେ ଯୋଗଦେଇ ଶିକ୍ଷକ ସାହୁ ଜଣେ ଆଦର୍ଶ ଶିକ୍ଷକ ବୋଲି ମତ ରଖିଥିଲେ। ଶିକ୍ଷାକ୍ଷେତ୍ରରେ ତାଙ୍କର ସେବା ମନୋବୃତ୍ତି ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକ ସମାଜଙ୍କ ପାଇଁ ସ୍ମରଣୀୟ ହୋଇରହିବ ବୋଲି ମତ ରଖିଥିଲେ। ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବରେ ଶିକ୍ଷକ ନେତା ବିଜୟ କୁମାର ଷଡଙ୍ଗୀ, ବିକ୍ରମ କୁମାର ଦାଶ, ମହେନ୍ଦ୍ର ମଲିକ, ସୁବାଷ ଚନ୍ଦ୍ର ପାଢୀ, ଦେବରାଜ ମିଶ୍ର ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ଗୁଳାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ।

# ଜଳୁଛି ଦୀପାଳି, ଫୁଟୁଛି ଫୋଟକା

**ରାତି ପାହିଲେ ଦୀପାବଳି । ଆଲୋକର ଏହି ଉତ୍ସବ ଆମ ପରମ୍ପରାରେ ବିଶେଷତା ବହନ କରି ଆସିଛି। ଲକ୍ଷ୍ମୀ, ଗଣେଶଙ୍କ ପୂଜା ଦ୍ୱାରା ସୁଫଳପ୍ରାପ୍ତି ପାଇଁ ଏହି ଦିନ ଘରେ ଘରେ ଉତ୍ସବ ପାଳନ କରାଯାଇଥାଏ। ଉତ୍ସବକୁ ଆହୁରି ରଙ୍ଗୀନ କରିବା ପାଇଁ ପର୍ବରେ ସାମିଲ ହୁଏ ରଙ୍ଗବେରଙ୍ଗ ଦିପାଳୀ ଆଉ ଆକର୍ଷଣୀୟ ଆତସବାଜି। ଲୋକଙ୍କ ଆଗ୍ରହ, ଚାହିଦାକୁ ଲକ୍ଷ୍ୟ କରି ବଜାର ବି ବେଶ୍ ତତ୍ପର। ଜିଲାର ଦୁଇ ପ୍ରମୁଖ ବ୍ୟାସନଗର ଓ ଯାଜପୁର ସହରର ପ୍ରମୁଖ ଛକ ତଥା ରାସ୍ତା ପାର୍ଶ୍ୱରେ ଲକ୍ଷ୍ମୀ ଗଣେଶଙ୍କ ମୂର୍ତ୍ତି, ଦୀପ, ଜଡ଼ାତେଲ, ବିଭିନ୍ନ ପୂଜା ସାମଗ୍ରୀ, ମହମବତୀର ପସରା ଏବଂ ଏହା ନିକଟରେ ଭିଡ଼ ସୂଚାଇ ଦେଉଛି ଯେ, ଅର୍ଥନୀତିରେ ମାନ୍ଦାବସ୍ଥା ସତ୍ତ୍ୱେ ଉତ୍ସବ ପାଳନରେ ଆମେ କୌଣସି ଅବହେଳା କରୁନାହୁଁ ।**



ଷ୍ଟାଡିୟମ୍‌ରେ ଲାଗିଥିବା ବାଣ ବଜାରର ଏକ ଦୋକାନରୁ ଗ୍ରାହକମାନେ ବାଣ କିଣୁଛନ୍ତି।

ଚଳିତ ବର୍ଷ ବ୍ୟାସନଗର ସହରର ଟାଉନହଲ୍ ପରିସରକୁ ବାଦ ଦେଇ ଷ୍ଟାଡିୟମ ଓ ଯାଜପୁର ସହରର ବାଳାଶ୍ରମ ପଡ଼ିଆରେ ଖୋଲିଛି ଆତସବାଜିର ପସରା। ରଙ୍ଗୀନ ଆତସବାଜି କୁମ୍ପି, ଚକ୍ରି, ଫୁଲଝରିଠାରୁ ଆରମ୍ଭ କରି ସାପ, ବମ୍, ଫଟକାର ନିକଟରେ ଭିଡ଼ ଜମିବାରେ ଲାଗିଲାଣି । ଋତୁ ଭିତ୍ତିକ ବେପାର ସହ ବେଶ କିଛି ଭଲ ଲାଭ ଆଶା ରଖି ଛାମୁଣ୍ଡିଆ ତଳେ ବେପାର କରୁଛୁ। ତେବେ ମଙ୍ଗଳବାର ଅପରାହ୍ଣରେ ମେଘୁଆ ପାଗ ଆରମ୍ଭ ହୋଇଥିବାରୁ ଆମ ମନରେ ଘୋର ସନ୍ଦେହ। ସୋମବାରଠାରୁ ଦୋକାନ ଖୋଲିଲୁ, ବଜାର ଭଲ ରହିଛି। ସୁପ୍ରିମକୋର୍ଟର କଟକଣା ଯୋଗୁ ବଡ ବଡ ଆତସବାଜି ବାଣ ବିକ୍ରୀ ହେବା ନେଇ ସନ୍ଦେହରେ ରହିଛୁ । ଆଉ ଦୁଇଦିନ ପାଗ ସମ୍ଭାଳିଲେ ପଇସା ଉଠିଯିବ ବୋଲି ରାଜୀବ ଗାନ୍ଧୀ ଷ୍ଟାଡିୟମରେ ଦୋକାନ ଖୋଲିଥିବା ଆଶିଷ ମଲ୍ଲିକ କୁହନ୍ତି। ଏହି ଷ୍ଟାଡିୟମରେ ୪୦ରୁ ଊର୍ଦ୍ଧ୍ୱ ଦୋକାନ ଖୋଲିଛି । ଚଳିତବର୍ଷ ଜିଲାର ସଦର ମହକୁମା ସହିତ ବ୍ୟାସନଗର ସହର ଓ ବିଭିନ୍ନ ଗ୍ରାମାଞ୍ଚଳରୁ ମୋଟ ୧୫୪ଜଣ ଖୁଚୁରା ବାଣ ବେପାରୀ ଅସ୍ଥାୟୀ ଲାଇସେନ୍ସ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆବେଦନ କରିଛନ୍ତି। ସେଥିମଧ୍ୟରୁ ଯାଜପୁର ସହର ସମେତ ଚଣ୍ଡିଖୋଲ, ଜାରକା, ରସୁଲପୁର, ଦଶରଥପୁର, ବିଞ୍ଝାରପୁର ଅଞ୍ଚଳରେ ୭୦ଜଣ ଏବଂ କଳିଙ୍ଗନଗର, କୋରେଇ, ବ୍ୟାସନଗର, ସୁକିନ୍ଦା ଅଞ୍ଚଳରେ ୮୪ଜଣ ଦୋକାନି ରହିଛନ୍ତି। ସ୍ୱଳ୍ପ ଶବ୍ଦ ସୃଷ୍ଟି କରୁଥିବା ତାଳଫୋଟକା ସହିତ ଅନ୍ୟାନ୍ୟ ଅଲୋକ ସୃଷ୍ଟିକାରୀ ବାଣ ବିକ୍ରି କରିବାକୁ ସଂପୃକ୍ତ ଦୋକାନୀଙ୍କୁ ଏହି ଲାଇସେନ୍ସ ଦିଆଯାଉଛି। ତେବେ ଏହି ଖୁଚୁରା ଦୋକାନୀ କେଉଁଠାରୁ ନିଜ ନିଜ ଦୋକାନ ପାଇଁ ଏହିସବୁ ବାଣ ସହିତ ପ୍ରଚଣ୍ଡ ଶବ୍ଦକରି ବାୟୁ ଓ ଶବ୍ଦ ପ୍ରଦୂଷଣ କରୁଥିବା ଘଡ଼ି, ବମ୍ ଓ ରକେଟ ଇତ୍ୟାଦୀ ଆହୁରି ଅନେକ ପ୍ରକାରର ବାଣ ଆଣୁଛନ୍ତି ସେ ଦିଗରେ ପ୍ରଶାସନର କୌଣସି କଟକଣା ନ ଥିବା ଦେଖିବାକୁ ମିଳିଛି। ବାଣ ବିକ୍ରି ପାଇଁ ଅନେକ କଟକଣା ଥାଏ। ତେବେ ଦୁଇଦିନର ଏହି ବେପାର ପାଇଁ ପ୍ରଶାସନ ପକ୍ଷରୁ କୋହଳ ମନୋବୃତ୍ତି ପୋଷଣ କରାଯିବା ଯଦିଓ କିଛିମାତ୍ରାରେ ସମିଚୀନ ତେବେ ଜିଲାରେ ବୃଦ୍ଧି ପାଉଥିବା ଅସାମାଜିକ କାର୍ଯ୍ୟକଳାପ ପ୍ରଶାସନର କୋହଳ ମନୋଭାବ ଯୋଗୁ ଏକ ବିପଦଜନକ ପରିସ୍ଥିତି ସୃଷ୍ଟି କରିପାରେ ଏଥିରେ କୌଣସି ସନ୍ଦେହ ନାହିଁ। ପ୍ରଚଣ୍ଡ ଶବ୍ଦ ସୃଷ୍ଟି କରିବା ସହିତ ବାୟୁ ଓ ଶବ୍ଦ ପ୍ରଦୂଷଣ କରୁଥିବା ବାଣ ବିକ୍ରି ଉପରେ ନିଷେଧାଦେଶ ରହିଛି। ଏପରିକି ଏହି ବେଆଇନ ବାଣ ବେପାରୀଙ୍କ ପାଇଁ ୧୦ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡର ବ୍ୟବସ୍ଥା ମଧ୍ୟ ରହିଛି। କେବଳ ସ୍ଥାନୀୟ ପୋଲିସ ଚାହିଁଲେ ଏହି ବେଆଇନ ବାଣ ଜବତ କରିବା ସହିତ ସଂପୃକ୍ତ ବ୍ୟବସାୟୀମାନଙ୍କୁ ସ୍ୱତଃପ୍ରବୃତ୍ତ ଭାବେ ଗିରଫ କରିପାରିବ। ଚୋରା ତଥା ବେଆଇନ ବାଣ ଓ ବାରୁଦ ବ୍ୟାସାୟୀଙ୍କ ବିରୋଧରେ ଇଣ୍ଡିଆନ ଏକ୍ସକ୍ଲୁସିଭ ଆକ୍ଟ ୧୮୮୪ର ସେକ୍ସନ ୯(ଖ)ରେ ୩ ବର୍ଷ ଜେଲଦଣ୍ଡ, ଭାରତୀୟ ଦଣ୍ଡବିଧି ଆଇନ ୨୮୫ ଓ ୨୮୬ରେ ୬ମାସ ଜେଲ୍‌ଦଣ୍ଡ ଓ ୧ହଜାର ଜରିମାନା ଏବଂ ଏକ୍ସକ୍ଲୁସିଭ ସବଷ୍ଟାନ୍ସ ଆକ୍ଟର ସେକ୍ସନ ୩ ରେ ୧୦ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡର ବ୍ୟବସ୍ଥା ରହିଛି। ଏଦିଗରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ସେ କହିଛନ୍ତି ଯେ, ବେଆଇନ ବାଣ ବ୍ୟବସାୟୀଙ୍କୁ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି। ତେବେ ଯାଜପୁର ଜିଲାରେ ଏପରି କୌଣସି ଅଭିଯୋଗ ଏଯାଏ ଆସିନାହିଁ।

### ଦୀପ ଜାଗା ନେଉଛି ମହମବତି

ଦୀପାବଳି ଆଲୋକର ପର୍ବ । ଘରେ ଘିଅ କିମ୍ୱା ଜଡ଼ାତେଲର ଦୀପ ଲଗାଇବାର ପ୍ରଥା ରହିଛି। ତେବେ ବଦଳୁଥିବା ବଜାର ପରିସ୍ଥିତି ଏବଂ ଲୋକଙ୍କ ରୁଚି ଦୃଷ୍ଟିରୁ ଦୀପର ଜାଗା ନେଉଛି ମହମବତୀ । କେଉଁ ପୂର୍ବ ପୁରୁଷରୁ ଆମେ କୁମ୍ଭାର କାମ କରି ଆସୁଛୁ । କୁମ୍ଭି ଘଡି, ଦୀପର ଚାହିଦା ଦୀପାବଳି ରେ ଥାଏ। ତେବେ ଗତ କିଛିବର୍ଷ ହେଲା ଦୀପର ଚାହିଦା କମିବାରେ ଲାଗିଛି। ଯାହା ଆମ ପେଟରେ ନାତ ମାରୁଛି ବୋଲି ଭାରରେ ମାଟି ଦୀପ ଆଣି ବିକ୍ରି କରୁଥିବା ଜଣେ କୁମ୍ଭାର କୁହନ୍ତି । ତେବେ ରଙ୍ଗ ବେରଙ୍ଗ ଡିଜାଇନର ମହମବତୀ ଗ୍ରାହକଙ୍କୁ ଦୀପଠାରୁ ଦୂରେଇ ନେଉଛି। ବିଭିନ୍ନ ନାମୀ କମ୍ପାନୀମାନେ ମଧ୍ୟ ଡିଜାଇନର ମହମବତୀ ବଜାରକୁ ଛାଡୁଛନ୍ତି। ଯାହାର ଦାମ ୨୫ଟଙ୍କାରୁ ଆରମ୍ଭ କରି ୫୦୦ ଟଙ୍କା ଏବଂ ତଦୁର୍ଦ୍ଧ୍ୱ ରହିଛି।

### ଜଡ଼ାତେଲର ଚାହିଦା ବେଶି

ଦୀପାବଳିରେ ଜଡ଼ାତେଲର ଚାହିଦା ଅଧିକ। ଦୀପରେ ସାଧାରଣତଃ ଜଡାତେଲ ପକାଇ ଦୀପ ଜଳା ହୋଇଥାଏ। କିନ୍ତୁ ସମ୍ପ୍ରତି ଶୁଦ୍ଧ ଜଡ଼ାତେଲର ଦର ଅଧିକ ରହୁଥିବାରୁ ଅଧିକାଂଶ ଲୋକ ଜଡ଼ା ମିଶ୍ରିତ ତେଲ କିଣୁଥିବା ମଧ୍ୟ ଦେଖିବାକୁ ମିଳୁଛି। ବ୍ୟାସନଗରର ଗଣେଶବଜାର ଜଡାତେଲ ଲିଟର ୧୫୦ ଟଙ୍କା ଥିଲାବେଳେ ଜଡ଼ା ମିଶ୍ରିତ ତେଲ ୧୩୦ ଟଙ୍କା ରହିଛି । ଏ ସମ୍ପର୍କରେ ଜଣେ ବ୍ୟବସାୟୀ ଭାଗବତ ଲେଙ୍କା କୁହନ୍ତି ଚଳିତ ବର୍ଷ ବ୍ୟବସାୟ ବହୁତ ମାନ୍ଦା ରହିଛି । ପୁଣି ମେଘୁଆ ପାଗ କରିଛି । ବର୍ଷା ହେଲେ ସବୁ ଆଶା ମଉଳି ଯିବ । ପକେଟକୁ ଦୃଷ୍ଟିରେ ରଖି କିଛି ଗ୍ରାହକ ଶୁଦ୍ଧ ଜଡ଼ାତେଲ ପରିବର୍ତ୍ତେ ଜଡା ମିଶ୍ରିତ ତେଲ କିଣୁଛନ୍ତି ବୋଲି ଲେଙ୍କା କହିଛନ୍ତି।

**ରିପୋର୍ଟ: ହର୍ଷବର୍ଦ୍ଧନ ବେହେରା, ଯାଜପୁର**

## ଖରସ୍ରୋତା ନଦୀପଠାରୁ ଜବତ ହେଲା ୮ଗାଡ଼ି

**ବିଞ୍ଝାରପୁର,୬ା୧୧(ଡି.ଏନ.ଏ)**

ଖରସ୍ରୋତା ନଦୀରୁ ଚୋରା ବ୍ୟବସାୟୀମାନେ ଦୈନିକ ଲକ୍ଷାଧିକ ଟଙ୍କାର ବେଆଇନ ଭାବେ ବାଲି ଚାଲାଣ କରୁଥିଲେ। ଫଳରେ ସରକାରଙ୍କ ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନୀ ସହ ନଦୀବନ୍ଧ ଦୁର୍ବଳ ହେଉଥିଲା । ବାଲି ଚୋରାବ୍ୟବସାୟୀମାନେ ଅତ୍ୟନ୍ତ ପ୍ରଭାବଶାଳୀ ହୋଇଥିବାରୁ ପ୍ରଶାସନ ସେମାନଙ୍କ ନିକଟରେ ଏକ ପ୍ରକାର ହାତ ଟେକି ଦେଇଥିଲା। ତେବେ ଗତ ସୋମବାର ଏନେଇ ଧରିତ୍ରୀରେ 'ଇଟା ମାଫିଆଙ୍କ କବଳରେ ଖରସ୍ରୋତା' ଶୀର୍ଷକ ଏକ ଖବର ପ୍ରକାଶ ପାଇବା ପରେ ପ୍ରଶାସନର ଆଖି ଖୋଲିଛି । ମଙ୍ଗଳବାର ବିଞ୍ଝାରପୁର ତହସିଲଦାର ସୁଭ୍ରବାଳା ବେହେରା ଓ ଥାନାଧିକାରୀ ସୂଚିତ୍ରୀବୀର୍ଯ୍ୟ ଦାସ ପ୍ରମୁଖ ନଦୀର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ। ଚଢାଉ ସମୟରେ ଖରସ୍ରୋତା ନଦୀଗର୍ଭରେ ଗୋଟିଏ ଟ୍ରକ୍, ଗୋଟିଏ ପ୍ରୋକ୍ଲିନ ସମେତ ୬ଟି ଟ୍ରାକ୍ଟର ବେଆଇନ ଭାବେ ବାଲି ଉଠାଣ କରୁଥିବା ଦେଖିବାକୁ ମିଳିଥିଲା। ଉକ୍ତ ଟ୍ରାକ୍ଟର, ଟ୍ରକ୍ ଓ ପ୍ରୋକଲିନକୁ ପୋଲିସ ଜବତ କରିଥିବା ଜଣାପଡିଛି। ଅପରପକ୍ଷରେ ଜବତ ଟ୍ରକ୍ ଓ ଟ୍ରାକ୍ଟରକୁ ମୁକୁଳାଇବା ପାଇଁ କେତେକ କୁଜିନେତା ପୋଲିସ ଓ ତହସିଲଦାରଙ୍କ ଉପରେ ଚାପ ପକାଇଥିଲେ। ହେଲେ ପ୍ରଶାସନ ତାହା ଶୁଣି ନ ଥିଲା। ଶେଷ ଖବର ଅନୁଯାୟୀ ୩ଟ୍ରାକ୍ଟର ଜରିମାନା ଦେଇ ନିଜ ଟ୍ରାକ୍ଟରକୁ ମୁକୁଳାଇ ଥିବା ଜଣାପଡିଛି । ଅନ୍ୟ ଟ୍ରାକ୍ଟର ଓ ଟ୍ରକ୍ ଏବେବି ପୋଲିସ ହେପାଜତରେ ରହିଛି। ଅପରପକ୍ଷରେ ପ୍ରଶାସନର ଅଚାନକ ଚଢାଉ ଫଳରେ ବାଲି ଚୋରା ବ୍ୟବସାୟୀଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି।

## ୯ରେ ହେବ ରାଇପୁର-ବନ୍ଧମୁଣ୍ଡା ସେତୁ ଶିଳାନ୍ୟାସ

**ବିରଜାକ୍ଷେତ୍ର, ୬ା୧୧(ଡି.ଏନ୍.ଏ)**

ବହୁ ପ୍ରତିକ୍ଷା ପରେ ଦ୍ୱୀପାଞ୍ଚଳବାସୀଙ୍କ ଦୁଃଖ ଦୂର ହେବାକୁ ଯାଉଛି। ଯାଜପୁର ଓ ବରୀ ନିର୍ବାଚନମଣ୍ଡଳୀ ଦେଇ ପ୍ରବାହିତ ହୋଇଥିବା ଖରସ୍ରୋତା ନଦୀ ଉପରେ ଆସନ୍ତା ୯ତାରିଖରେ ବରୀ ବିଧାୟକ ଦେବାଶିଷ ନାୟକ ଯାଜପୁର ବ୍ଲକ ଅନ୍ତର୍ଗତ ବନ୍ଧମୁଣ୍ଡା ରାଇପୁର ସେତୁ ଶିଳାନ୍ୟାସ କରିବେ। ଏହି ସେତୁ ନିର୍ମାଣ ହେଲେ ଦ୍ୱୀପାଞ୍ଚଳରେ ରହୁଥିବା ଲୋକମାନଙ୍କୁ ଆଉ ଡଙ୍ଗା ଉପରେ ନିର୍ଭର କରିବାକୁ ପଡିବ ନାହିଁ। ବିଶେଷ ଭାବରେ ବରୀ ବ୍ଲକର ଭଅଁରା, ରାଇପୁର, ବଟିଲୋ, ଶାସନ, ମହମ୍ମଜମାପୁର, ବୋଦୁଅ, ପାଳସାହି, ଭୁରୁଙ୍ଗା, ଚଟୁମାରି, ସଙ୍ଗୁଅଗଦେଇପୁର ସମେତ ବରୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଯାଜପୁର ବ୍ଲକର ଭଅଁରା, ବୋଦୁଅ, ବଡସୁଆର, ସାନସୁଆର ପଞ୍ଚାୟତର ଲୋକମାନଙ୍କ ଯାତାୟତରେ ସୁବିଧା ଘଟିବ। ବିଶେଷ ଭାବେ ଦ୍ୱୀପାଞ୍ଚଳ ଲୋକମାନେ ବର୍ଷକ ୧୨ମାସ ଡଙ୍ଗା ଉପରେ ନିର୍ଭର କରିବାକୁ ପଡୁଥିଲା। ଏହି ସେତୁ ନିର୍ମାଣ ହେବାକୁ ଯାଉଥିବା ବେଳେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## ବ୍ରହ୍ମବରଦାଠାରେ ଜିଲାପାଳଙ୍କ ଦ୍ୱାରା ପୋଷାକ ବ୍ୟାଙ୍କ ଉଦ୍‌ଘାଟିତ

**ରସୁଲପୁର,୬ା୧୧(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତର ବ୍ୟାଙ୍କ ଛକଠାରେ ମଙ୍ଗଳବାର ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ପକ୍ଷରୁ ପୋଷାକ ବ୍ୟାଙ୍କ ଉଦ୍‌ଘାଟିତ ହୋଇଛି। ଅବହେଳିତ ଶିଶୁ ଓ ବିଭିନ୍ନ ସ୍ଥାନରୁ ଉଦ୍ଧାର କାରାଯାଉଥିବା ଶିଶୁ ଶ୍ରମିକଙ୍କ ଉଦ୍ଦେଶ୍ୟରେ ଏହି ବ୍ୟାଙ୍କ ସ୍ଥାପନ କରାଯାଇଛି। ଏ ଦିଗରେ ସହାୟତା ପ୍ରଦାନ ପାଇଁ ଜିଲା ପ୍ରଶାସନ ଓ ଶିଶୁ ସୁରକ୍ଷା ଅଧିକାରୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ହିନ୍ଦ୍ ମଜୁଦର ସଂଘର ସଭାପତି ପ୍ରଦୀପ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଉକ୍ତ ଉତ୍ସବରେ ଜିଲାପାଳ ଦାସ ମୁଖ୍ୟଅତିଥି, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଶିଶୁ ସୁରକ୍ଷା ୟୁନିଟର ଆଇନ ପରାମର୍ଶଦାତା ତପନ କୁମାର ପଣ୍ଡା, ଯୁବନେତା ଆଲେକଜାଣ୍ଡର ଦାସ,



ଜିଲାପାଳ ଜଣେ ନାବାଳିକାଙ୍କୁ ପୋଷାକ ବଣ୍ଟନ କରୁଛନ୍ତି।

ନାରୀନେତ୍ରୀ ରଞ୍ଜିତା ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଶିଶୁମାନେ ନିରୀହ, ନିଷ୍କପଟ, ନିଷ୍ପାପ ହୋଇଥାଆନ୍ତି । ତେଣୁ ସେମାନଙ୍କ ମଧ୍ୟରେ ଭେଦଭାବ ରହିବା ଅନୁଚିତ ବୋଲି କହିଥିଲେ। ଜିଲା ରେଡକ୍ରସ ପକ୍ଷରୁ ଏ ଦିଗରେ ସହାୟତା ପ୍ରଦାନ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଶିଶୁ ସୁରକ୍ଷା କର୍ମୀ ମଣ୍ଟୁ ଦାସ ଅତିଥି ପରିଚୟ ପ୍ରଦାନ କରିବା ସହ ଅବହେଳିତ ଶିଶୁମାନଙ୍କ ପାଇଁ ଔଷଧ ବ୍ୟାଙ୍କର ବ୍ୟବସ୍ଥା କରିବାକୁ ଜିଲାପାଳ ଦାସଙ୍କୁ ଅନୁରୋଧ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଜଟାଧାରୀ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ । ସାମାଜିକ କର୍ମୀ ପ୍ରମୋଦ ମହାନ୍ତି, ଅବଦୁଲ୍ ୱାହିଦ୍, ରାଜିବ ରିଆଜ, ସେକ୍ ନାସିର, ଜନମୁଲ ଜମର ଖାନ୍, ସାନିଆ ସେଖ୍, ନୁହାରଜାନ ନସିମ୍, ସେଖ୍ ରନଜ୍ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଅତିଥିମାନେ ୧୦ଜଣ ଅବହେଳିତ ଶିଶୁଙ୍କୁ ପୋଷାକ ବଣ୍ଟନ କରିଥିଲେ ।

## ପ୍ରାତଃ ଭ୍ରମଣ ସମୟରେ ମଦ ଜବତ କଲେ ଜିଲାପାଳ

**ଯାଜପୁର ଅଫିସ, ୬ା୧୧**

ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଦ୍ୱାରା ମଙ୍ଗଳବାର ପ୍ରତ୍ୟୁଷରେ କିଆନାଳି ଛକ ନିକଟରୁ ମଦ ଜବତ କରାଯାଇଛି। ଜିଲାପାଳ ଦାସ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ ପ୍ରାତଃ ଭ୍ରମଣରେ ଯାଇଥିବାବେଳେ କିଆନାଳି ଛକ ନିକଟରେ ଗୋଟିଏ କାର୍ଟୁନ ଥିବା ଦେଖି ସନ୍ଦେହ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସାଥିରେ ଥିବା ସୁରକ୍ଷା କର୍ମୀ



ସମୀର କୁମାର ବରାଳ ପେଟିକୁ ଖୋଲିବା ପରେ ସେଥିରେ ମଦ ରହିଥିବା ଦେଖିବାକୁ ପାଇଥିଲେ। ପରେ ସ୍ଥାନୀୟ ବ୍ୟବସାୟୀ ପହଞ୍ଚିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀ ପହଞ୍ଚି ୫ ଲିଟର ୮୦୦ ମିଲି ସରକାରୀ ଦେଶୀ ମଦ ଜବତ କରିଥିଲେ। ଏଥିରେ ସଂପୃକ୍ତ ନବଘନ ରାଉତଙ୍କୁ ଗିରଫ କରାଯାଇଥିଲା। ଅନ୍ୟଜଣେ ଫେରାର ହୋଇଯାଇଥିବା ସୂଚନା ମିଳିଛି। ସେହିପରି ଅବକାରୀ ଅଧିକ୍ଷକ ରଜତ ପ୍ରହରାଜଙ୍କ ତତ୍ତ୍ୱାବଧାନରେ ବିଞ୍ଝାରପୁର ମଇଁଦା ଲେଙ୍କାସାହି ଛକରେ ଚଢାଉ କରାଯାଇ ୩ ଲିଟର ୪୨୦ ମିଲି ବିଦେଶୀ ମଦ ଜବତ ସହ ଅମୂଲ୍ୟ ଜେନାଙ୍କୁ ଗିରଫ କରାଯାଇଥିଲା। ଟାଇଟରା ଛକରେ ଚଢାଉ କରାଯାଇ ୪ ଲିଟର ସରକାରୀ ମଦ ଜବତ ସହ ମହେନ୍ଦ୍ର ବେହେରାଙ୍କୁ ଗିରଫ କରାଯାଇଛି । ସେହିପରି ମାଳହାଟରେ ରାଜକିଶୋର ଦେହେଇଙ୍କୁ ଗିରଫ କରାଯାଇ ତାଙ୍କ ନିକଟରୁ ୫୦ ଲିଟର ମହୁଲି ମଦ ଜବତ କରାଯାଇଛି।

## ମୁଗତୃଷ୍ଣା ସାହିତ୍ୟ ପତ୍ରିକାର କବିତା ସଙ୍କଳନ ଉନ୍ମୋଚିତ

**ଯାଜପୁରରୋଡ,୬ା୧୧(ନି.ପ୍ର.)**

ଯାଜପୁରରୋଡ ଧବଳଗିରି 'ସାଇ ବିଦ୍ୟାର୍ଥୀ' ଅନୁଷ୍ଠାନଠାରେ ରବିବାର ପୂର୍ବାହ୍ଣରେ 'ମୁଗତୃଷ୍ଣା' ସାହିତ୍ୟ ପତ୍ରିକାର ଊନବିଂଶତମ ସଂଖ୍ୟାରେ ସମ୍ପାଦିକା ପ୍ରଗତି ତ୍ରିପାଠୀଙ୍କ ରଚିତ କବିତା ସଙ୍କଳନ 'ଅବଶୋଷ' ଉନ୍ମୋଚିତ ହୋଇଯାଇଛି। ଏନେଇ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ନିର୍ମଳ ଚନ୍ଦ୍ର ରାଉତ ଅଧ୍ୟକ୍ଷତା କରିଥିଲେ। ପଣ୍ଡିତ ଅକ୍ଷୟ କୁମାର ଦାଶଙ୍କ ସଞ୍ଚାଳନରେ ଆୟୋଜିତ ସଭାକୁ ରାମଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ। ରମାକାନ୍ତ ଜେନା ମୁଖ୍ୟଅତିଥି, ରୁଦ୍ରନାରାୟଣ ପୃଷ୍ଟି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଦ୍ଯୁଲତା ଦାସ, ପ୍ରଶାନ୍ତ ବିଶ୍ୱାଳ, ମନୋରଞ୍ଜନ ନନ୍ଦ ଓ ସଂଯୁକ୍ତା ମହାପାତ୍ର ପ୍ରମୁଖ ଯୋଗଦେଇ 'ସାହିତ୍ୟର ଅସହିଷ୍ଣୁତା' ଶୀର୍ଷକ ଆଲୋଚନାରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରମେଶ ଚନ୍ଦ୍ର ମହାନ୍ତି, ଭୁବନ ମୋହନ ମହାନ୍ତି, ଜୟନ୍ତୀ ଜେନା ପ୍ରମୁଖ କବି ସ୍ୱରଚିତ କବିତା ପାଠ କରିଥିଲେ ।

## ପଞ୍ଚାୟତ ବୁଲିଲେ ବିଡିଓ

**ରସୁଲପୁର,୬ା୧୧(ଡି.ଏନ୍.ଏ.)**

ରସୁଲପୁର ବ୍ଲକରେ ସୋମବାର ବିଡିଓ ଉମାକାନ୍ତ ପରିଡା ଯୋଗ ଦେଇଥିଲେ। ପ୍ରଥମ ଦିନରେ ଔପଚାରିକତା ଦୃଷ୍ଟିରୁ ବିଡିଓ ପରିଡା ଯାଜପୁର ଜିଲାପାଳ ଓ ଗ୍ରାମ୍ୟଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ସାକ୍ଷାତ କରିଥିଲେ। ପରେ ବ୍ଲକ ସମ୍ମିଳନୀ କକ୍ଷରେ ଏକ ବୈଠକ ଜରିଆରେ କର୍ମଚାରୀଙ୍କ ସହ ପରିଚିତ ହେବା ସହ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ମଙ୍ଗଳବାର ପୂର୍ବାହ୍ଣରେ ବିଡିଓ ବିଭିନ୍ନ ପଞ୍ଚାୟତ ବୁଲି ଉନ୍ନୟନମୂଳକ ଯୋଜନାକୁ ସମୀକ୍ଷା କରିଥିଲେ। ବିଡିଓଙ୍କ ପରିଦର୍ଶନ ସମୟରେ ସେ ଗ୍ରାମୀଣ ଆବାସ ଯୋଜନା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ବ୍ଲକର ଅତଲାପୁର ଓ ରାଜେନ୍ଦ୍ରପୁର ପଞ୍ଚାୟତ ବୁଲିଥିଲେ। ଉକ୍ତ ପଞ୍ଚାୟତରେ ଗ୍ରାମୀଣ ଗୃହ (ପ୍ରଧାନମନ୍ତ୍ରୀ ଆବାସ) ଯୋଜନାର ସମୀକ୍ଷା କରିଥିଲେ। ଏଥିସହ ପଞ୍ଚାୟତରେ ଥିବା କେତୋଟି ଅଙ୍ଗନୱାଡି କେନ୍ଦ୍ର ବୁଲି ଦେଖିଥିଲେ। ଉକ୍ତ ପଞ୍ଚାୟତ ଦୁଇଟିରେ ନିର୍ମାଣ ସରିଥିବା ପୋଖରୀ, ପାନୀୟଜଳ ପ୍ରକଳ୍ପ ସହ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଉଭୟ ପଞ୍ଚାୟତରେ ବିଡିଓଙ୍କୁ ରାଜେନ୍ଦ୍ରପୁର ପଞ୍ଚାୟତ ସରପଞ୍ଚ ସୁଶାନ୍ତ କୁମାର ବେହେରା ଅତଲାପୁର ସରପଞ୍ଚ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ବିଡିଓଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ବିଡିଓଙ୍କ ସହ ଅତିରିକ୍ତ ବିଡିଓ ଅସିତ୍ କୁମାର ପାତ୍ର ପ୍ରମୁଖ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ ।

## ନୂଆ-ପୁରୁଣା ବିବାଦ: ଭାଜପା ଛାଡିବେ ଶତାଧିକ କର୍ମୀ

**ବିଞ୍ଝାରପୁର,୬ା୧୧(ଡି.ଏନ.ଏ)**

ଯାଜପୁର ଜିଲାରେ ଭାଜପା ସଂଗଠନରେ ନୁଆ-ପୁରୁଣା ବିବାଦ ଏବେ ଚରମ ସୀମାରେ ପହଞ୍ଚିଛି। ଏହାର ପ୍ରଭାବ ବିଞ୍ଝାରପୁର ବ୍ଲକରେ ବିଶେଷଭାବେ ଦେଖାଦେଇଛି। ଗତ ପଞ୍ଚାୟତ ନିର୍ବାଚନରେ ଏହି ବ୍ଲକରେ ଭାଜପା ଅଭୁତପୂର୍ବ ସଫଳତା ପରେ ଶାସକ ବିଜେଡି ମହଲରେ ଛାନିଆ ସୃଷ୍ଟି କରିଥିଲା। ମାତ୍ର ପଞ୍ଚାୟତ ନିର୍ବାଚନ ପରେ ଭାଜପା ସାଂଗଠନିକ ପଦ ପଦବୀ ଅଦଳ ବଦଳ ପରେ ପୁରୁଣା କର୍ମୀ ତଥା ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ଦଳର ନେତାମାନେ ଅଣଦେଖା କରିବା ଆରମ୍ଭ କରିଥିଲେ। ବିଶେଷ କରି କଂଗ୍ରେସ ଓ ବିଜେଡିରୁ ଦଳତ୍ୟାଗ କରି ଭାଜପାରେ ମିଶିଥିବା ନୂଆ ନେତାଙ୍କ ପ୍ରଭାବ ଯୋଗୁ ପୁରୁଣା କର୍ମୀ ଏକ ପ୍ରକାର ଅଲୋଡ଼ା ହୋଇ ପଡିଲେ। ଏପରିକି ଅଧିକାଂଶ ସଭା ସମିତି ସମାନ୍ତରାଳ ଭାବେ ଚାଲିଥିଲା । ଏସମ୍ପର୍କରେ ସ୍ଥାନୀୟ ଭାଜପା ନେତାମାନେ ବାରମ୍ବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡାଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବିଞ୍ଝାରପୁର ଭାଜପାର ଛାମୁଆ ନେତା ନିରଞ୍ଜନ ପଣ୍ଡା, ଜିଲା ପରିଷଦ ସଭ୍ୟ ଶ୍ରବଣ କୁମାର ଜେନା, ତାପସ ମହାପାତ୍ର, ଶଙ୍କର୍ଷଣ ସାମଲ ଓ ସତ୍ୟଭାମା ମଲ୍ଲିକଙ୍କ ସମେତ ଶତାଧିକ ଭାଜପା କର୍ମୀ ଗତ ଅକ୍ଟୋବର ମାସରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅବଗତ କରିଥିଲେ । ତେବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମାଧାନ କରିବା ବଦଳରେ ଦଳର ପୁରୁଣା କର୍ମୀଙ୍କୁ କୁଆଡେ ନାଲିଆଖି ଦେଖାଇ ଥିବା ଶୁଣିବାକୁ ମିଳିଥିଲା। ଯାହା ଫଳରେ ଗତ ଅକ୍ଟୋବର ୨୮ ତାରିଖରେ ସିଂହପୁର ଠାରେ ଧର୍ମେନ୍ଦ୍ରଙ୍କ ସଭାରେ ଶତାଧିକ ଭାଜପା କର୍ମୀଙ୍କ ଅନୁପସ୍ଥିତି ଦେଖିବାକୁ ମିଳିଥିଲା। ପରୁଣା କର୍ମୀ ମାନେ ମୁଖ୍ୟତଃ ଜିଲା ଭାଜପା ସଭାପତି ଗୌତମ ରାୟଙ୍କୁ ବିରୋଧ କରୁଥିବାବେଳେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ସମର୍ଥନ କରୁଥିବା ଜଣାପଡିଛି । ଫଳରେ ଭାଜପାର ଶତାଧିକ ପୁରୁଣା ତଥା ମୂଳ କର୍ମୀ ଭାଜପା ଛାଡିବେ ବୋଲି ଶୁଣିବାକୁ ମିଳୁଛି। ଏସମ୍ପର୍କରେ ଭାଜପା ଜିଲା ପରିଷଦ ସଭ୍ୟ ଶ୍ରବଣ କୁମାର ଜେନା କୁହନ୍ତି ଯେ ଜିଲା ସଭାପତି ପୁରୁଣା କର୍ମୀଙ୍କୁ ଅଣଦେଖା କରୁଛନ୍ତି। କଂଗ୍ରେସ ଓ ବିଜେଡିରୁ ଆସି ଭାଜପାରେ ଯୋଗ ଦେଇଥିବା କର୍ମୀଙ୍କ ଔଦ୍ଧତ୍ୟ ଯୋଗୁ ଦଳ ରସାତଳକୁ ଯାଉଛି। ତେଣୁ ଆମେ ଭାଜପା ଛାଡ଼ିବାକୁ ବାଧ ହେବୁ ବୋଲି ଜେନା କହିଛନ୍ତି।

## ବିଷ ଓକାଳିଲେ ଖାରବେଳ

**ବିଞ୍ଝାରପୁର,୬ା୧୧(ଡି.ଏନ୍.ଏ.)**

ଉତ୍କଳ ଭାରତ ସଭାପତି ତଥା ପୂର୍ବତନ ସାଂସଦ ଖାରବେଳ ସ୍ୱାଇଁ ମଙ୍ଗଳବାର ଅପରାହ୍ଣରେ ଶାସକ ବିଜେଡି ଦଳ ବିରୋଧରେ ବିଷ ଓଗାଳିଛନ୍ତି। ବିଞ୍ଝାରପୁର ମେଡିକାଲ ଛକଠାରେ ଆୟୋଜିତ ସଭାରେ ଖାରବେଳ ସ୍ଥାନୀୟ ଲୋକଙ୍କୁ ଉଦ୍‌ବୋଧନ ଦେଇ ନବୀନ ସରକାର ହେଉଛି ଅପାରଗ ସରକାର ବୋଲି କହିଥିଲେ। ଦୁର୍ନୀତି, ବଳାତ୍କାର ଓ ଚାଷୀ ଆତ୍ମହତ୍ୟାରେ ଓଡ଼ିଶା ଦେଶର ଏକ ନମ୍ବର ବୋଲି ଖାରବେଳ ଅଭିଯୋଗ କରିଥିଲେ। ରାଜ୍ୟ ସରକାର କେନ୍ଦ୍ର ଯୋଜନାକୁ ହଡ଼ପ କରି ଦଳୀୟକର୍ମୀଙ୍କୁ ପୋଷୁଛନ୍ତି ବୋଲି ଅଭିଯୋଗ କରିଥିଲେ। ୨ ଘଣ୍ଟା କାଳ ନବୀନ ବିରୋଧି ଭାଷଣ ଦେଉଥିବାବେଳେ କେତେକ ହାତ ଗଣତି ଲୋକଙ୍କୁ ସଭାରେ ଦେଖିବାକୁ ମିଳିଥିଲା।



କ୍ରୋଧରୁ ମୋହ ଜନ୍ମେ, ମୋହରୁ ସ୍ମରଣ ଶକ୍ତି ନଷ୍ଟ ହୁଏ, ସ୍ମରଣ ଶକ୍ତି ନଷ୍ଟ ହେଲେ,
ବିଚାର ଶକ୍ତି ନଷ୍ଟ ହୁଏ ଏବଂ ବିଚାର ଶକ୍ତି ନଷ୍ଟରୁ ମନୁଷ୍ୟ ମୃତ୍ୟୁ ମୁଖରେ ପତିତ ହୁଏ।
- ଭଗବତ୍ ଗୀତା



# ଯାଜପୁରର ଗଣପର୍ବ କାଳୀପୂଜା ଆରମ୍ଭ


ହାବେଳୀ ବଜାର କାଳୀପୂଜା ମଣ୍ଡପ ।


କଚେରି ବଜାର ।


ମା’ ରକ୍ଷାକାଳୀ ଛକ ।


ଟ୍ୟାକ୍ସିଷ୍ଟାଣ୍ଡ ପୂଜା ମଣ୍ଡପ ।

ବିରଜାକ୍ଷେତ୍ର, ୬।୧୧(ଡି.ଏନ୍.ଏ)

ଯାଜପୁରର ଗଣପର୍ବ କାଳୀପୂଜା ମଙ୍ଗଳବାର ଆରମ୍ଭ ହୋଇଛି । ଯାଜପୁର ସହରର ୪୭ ଗୋଟି ସ୍ଥାନରେ ଲକ୍ଷ୍ମୀନାରାୟଣ ମୃଣ୍ମୟ ମୂର୍ତ୍ତି ସହ ମା’ କାଳୀ ପୂଜା ମଣ୍ଡପଗୁଡ଼ିକରେ ଶୋଭା ପାଉଛନ୍ତି। ମଙ୍ଗଳବାର ଦିନ ସମୟରେ ଲକ୍ଷ୍ମୀନାରାୟଣ ମୂର୍ତ୍ତିଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ଦିନବେଳା ବିଭିନ୍ନ ପୋଖରୀ ଓ ଜଳାଶୟଗୁଡ଼ିକରେ କଳସ ପୂଜା ଅନୁଷ୍ଠିତ ହେବାପରେ ମଣ୍ଡପଗୁଡ଼ିକରେ ଲକ୍ଷ୍ମୀନାରାୟଣ ମୂର୍ତ୍ତିଙ୍କ ପୂଜା ରୀତି ନୀତି ଅନୁସାରେ ଅନୁଷ୍ଠିତ ହୋଇଥିଲା। ରାତ୍ରବେଳା ମା’ କାଳୀଙ୍କ ମୃଣ୍ମୟ ମୂର୍ତ୍ତିକୁ ବିଭିନ୍ନ ପୂଜା ମଣ୍ଡପରେ ପୂଜା କରାଯାଇଛି। କାଳୀପୂଜା ଉପଲକ୍ଷେ ଯାଜପୁର ସହରର ବିଭିନ୍ନ ପୂଜା ମଣ୍ଡପକୁ ଆକର୍ଷଣୀୟଭାବେ ସଜାଯିବା ସହ ବିଭିନ୍ନ ବଡ଼ ବଡ଼ ତୋରଣମାନ କରାଯାଇଛି। ୬ତାରିଖରୁ ଆରମ୍ଭ ହୋଇଥିବା କାଳୀପୂଜା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟ ମଧ୍ୟରେ ଓଡ଼ିଶାର ଖ୍ୟାତନାମା କଣ୍ଠଶିଳ୍ପୀ ସେମାନଙ୍କ ଯାଦୁଗରୀ ସଙ୍ଗୀତ ବିଭିନ୍ନ ପୂଜା ମଣ୍ଡପରେ ପରିବେଷଣ କରିବେ। ଓଡ଼ିଶା ତଥା ବାହାର ରାଜ୍ୟରୁ ବିଭିନ୍ନ କଳାକାରମାନେ ଆସି ପୂଜା ମଣ୍ଡପରେ ସେମାନଙ୍କ କଳା ନୈପୁଣ୍ୟ ଦେଖାଇବାର କାର୍ଯ୍ୟକ୍ରମ ରହିଛି ବୋଲି ପୂଜା ମଣ୍ଡପଗୁଡ଼ିକରୁ ସୂଚନା ମିଳିଛି। ୧୩ ଓ ୧୪ତାରିଖ ଦୁଇଦିନ ଧରି ଭସାଣ ଉତ୍ସବ ଅନୁଷ୍ଠିତ ହେବ। ଯାଜପୁରର ବିରଜା ହାଟ, ସ୍କୁଲ ଛକ, ଯୋଡ଼ିକୂଅ, କୁଆଁସରପୁର, ରକ୍ଷାକାଳୀ ମନ୍ଦିର, ଅମ୍ବିକାଇ ଛକ, ବିରଜା ହଲ, ଗରିଆପୁର, ଶୀତଳେଶ୍ୱର, ନାରାୟଣ ଛକ, ବଡ଼ ବଜାର, ସଦାବ୍ରତ ମଠ, ସାନବଜାର, ହରପାର୍ବତୀ ଛକ, ମାର୍କେଟ ଛକ, ବସ୍ ଷ୍ଟାଣ୍ଡ, ଟ୍ୟାକ୍ସି ଷ୍ଟାଣ୍ଡ, ହାବେଳୀ ବଜାର, କଚେରୀ, ଟାଉନ ହଲ, ରାଣୀରାମଚନ୍ଦ୍ରପୁର, କିଆନାଳୀ କୂଳ, ଭବାନୀଗଞ୍ଜ, ମାଂସାପୋଲ, ଲଳିତେଶ୍ୱର ନଗର, କଲେଜ ଛକ ପ୍ରଭୃତି ପୂଜାମଣ୍ଡପରେ ମୃଣ୍ମୟ ମୂର୍ତ୍ତିଗୁଡ଼ିକ ବହୁ ଉଚ୍ଚକୋଟୀର ହୋଇଛି। କାଳୀପୂଜା ସମୟରେ ଜନସାଧାରଣଙ୍କ ଭିଡ଼କୁ ଲକ୍ଷ୍ୟ ରଖି ଯାଜପୁର ପୌରପରିଷଦ ପକ୍ଷରୁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଛି। ଗରିଆପୁରଠାରେ ଚଳିତବର୍ଷ ଏକ ନୂତନ ପୂଜା ମଣ୍ଡପ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। କାଳୀପୂଜାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବାପାଇଁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନାଙ୍କ ନିର୍ଦ୍ଦେଶମତେ ଡିଏସ୍‌ପି ୪ଜଣ, ଇନ୍ସପେକ୍ଟର ୪ ଜଣ, ସବ୍-ଇନିସ୍‌ପେକ୍ଟର ୧୪ ଜଣ, ଏଏସ୍‌ଆଇ ୩୧ ଜଣ, ଅତିରିକ୍ତ ଅଫିସର ୧୫ ଜଣ, ହାବିଲଦାର ୧୩ ଜଣ, କନେଷ୍ଟବଳ ୧୨୨ ଜଣ, ହୋମଗାର୍ଡ଼ ୧୩୭ ଜଣ, ମୋବାଇଲ ପେଟ୍ରୋଲିଂ ପାର୍ଟି ୬ଟି, ବାଇକ୍ ପାଟ୍ରୋଲିଂ ୬ଟିକୁ ନିଯୁକ୍ତ କରାଯାଇଛି । କାଳୀପୂଜା ଉପଲକ୍ଷେ ୪ ପ୍ଲାଟୁନ୍ ଫୋର୍ସ ଯାଜପୁର ସହରର ବିଭିନ୍ନ ଜାଗାରେ ମୁତୟନ କରାଯାଇଛି । ଆଡିସିନାଲ ଏସ୍‌ପି ଅକ୍ଷୟ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସ ମୁତୟନ କରାଯିବା ଶାନ୍ତିଶୃଙ୍ଖଳା ରକ୍ଷା କରାଯାଉଛି। ଯାଜପୁର ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲାପାଳଙ୍କ ସମେତ ବିଭିନ୍ନ ପଦାଧିକାରୀମାନେ ପୂଜା ସମୟରେ ପ୍ରତ୍ୟକ୍ଷ ରହି ପରିସ୍ଥିତିକୁ ଅନୁଧ୍ୟାନ କରିବା ସହ ଜନସାଧାରଣଙ୍କୁ ସହଯୋଗ କରିଥାନ୍ତି।

## ସଂକ୍ଷେପରେ

### ଡକାୟତି ମାମଲାରେ ୨ କୋର୍ଟ ଚାଲାଣ, ୨ ଫେରାର

କୋରେଇ,୬।୧୧(ସ୍ୱ.ପ୍ର.)- ଡକାୟତି ମାମଲାରେ କୋରେଇ ପୋଲିସ ମଙ୍ଗଳବାର ୨ଜଣଙ୍କୁ ଗିରଫ ପରି କୋର୍ଟ ଚାଲାଣ କରିଥିବାବେଳେ ଅନ୍ୟ ୨ ଜଣ ଫେରାର ଅଛନ୍ତି। ଅଭିଯୁକ୍ତମାନେ ହେଲେ କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଦନା ଗ୍ରାମର ମୁନା ବେହେରା ଓ ଖମଣା ଗ୍ରାମର ନଳିନୀକାନ୍ତ ସାହୁ। ପ୍ରକାଶ ଯେ, ଗତ ୨ ତାରିଖରେ ରଗଡ଼ିସ୍ଥିତ ଓଭରବ୍ରିଜ୍ ତଳେ ପାଲନ ଖିଲାର ନାମକ ଜଣେ ଯୁବକଙ୍କୁ ସେମାନେ ଧମକ ଦେବା ସହ ତାଙ୍କଠାରୁ ମୋବାଇଲ ଓ ୮ ହଜାର ଟଙ୍କା ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ପାଲନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(୨୨୭/୧୮) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଚୋରି ହୋଇଥିବା ମୋବାଇଲ ଟ୍ରାକିଙ୍ଗରେ ଅଭିଯୁକ୍ତ ଧରାପଡ଼ିଥିବା ପୋଲିସ କହିଛି।

### ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଯାଜପୁରରୋଡ,୬।୧୧(ନି.ପ୍ର.)- ଯାଜପୁରରୋଡ ଷ୍ଟେଶନ ନିକଟସ୍ଥ ସାଇ ମନ୍ଦିର ପାଖରୁ ମଙ୍ଗଳବାର ରେଲୱେ ପୋଲିସ ଜଣେ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ପୋଲିସ ବ୍ୟକ୍ତିଙ୍କ ପାଖରେ ଥିବା କାଗଜପତ୍ରରୁ ଖବର ସଂଗ୍ରହ କରି ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲା। ଏ ନେଇ ପୋଲିସ ଏକ ମାମଲା(୫୫/୧୮) ରୁଜୁ କରି ତଦନ୍ତ ଜାରି ରଖିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଛି। ମୃତକ ହେଲେ କଟକ ଜିଲା ମାହାଙ୍ଗା ବ୍ଲକ ଅଲିଲୋ ଗ୍ରାମର ଧ୍ରୁବଚରଣ ରାଉତ। ଖବରପାଇ ପରିବାରବର୍ଗ ଘଟଣାସ୍ଥଳକୁ ଆସି ମୃତଦେହ ଚିହ୍ନଟ କରିଥିଲେ । ସେ ଚାଉଳିଆଗଞ୍ଜଠାରେ ଏକ ଓମଫେଡ ଦୋକାନ କରିଥିଲେ । ସେ ୮ ଦିନ ହେବ ନିଖୋଜ ଥିବାରୁ ପରିବାର ଲୋକେ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିଥିଲେ । ହେଲେ ଏପର୍ଯ୍ୟନ୍ତ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ତଦନ୍ତ ପରେ କାରଣ ଜଣାପଡ଼ିବ ବୋଲି ଯାଜପୁରରୋଡ ରେଲୱେ ଫାଣ୍ଡି ଅଫିସର ସରୋଜ କୁମାର ଦାସ କହିଛନ୍ତି।

### ପର୍ସ ପାଇ ପୋଲିସକୁ ହସ୍ତାନ୍ତର କଲେ ଯୁବକ

କୋରେଇ,୬।୧୧(ସ୍ୱ.ପ୍ର.)- ପାଣିକୋଇଲି ବଜାରରୁ ଏକ ପର୍ସ ପାଇ ମଙ୍ଗଳବାର ୨ ଯୁବକ ପାଣିକୋଇଲି ପୋଲିସକୁ ହସ୍ତାନ୍ତର କରିଛନ୍ତି। ସେମାନେ ହେଲେ ନମିଟିକିରି ଗ୍ରାମର ଶରତ ଜେନା ଓ ପ୍ରକାଶ ବାରିକ। ପର୍ସରେ ଥିବା ଟଙ୍କା ଓ ଜରୁରୀ କାଗଜପତ୍ର ଦେଖି ସେମାନେ ଥାନାଧିକାରୀ ଅଜୟ କୁମାର ଜେନାଙ୍କୁ ହସ୍ତାନ୍ତର କରିଥିଲେ।

### ତୈଳିକ ବୈଶ୍ୟ ସଂଘର ବୈଠକ

ସିଂହପୁର,୬।୧୧(ଡି.ଏନ୍.ଏ)– ବିଞ୍ଝାରପୁର ମଣ୍ଡଳ ଶାଖା ତୈଳିକ ବୈଶ୍ୟ ସଂଘ ପକ୍ଷରୁ ମଙ୍ଗଳବାର ବାଳମୁକୁଳିସ୍ଥିତ ସ୍ଥାୟୀ ସଂଘ ଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ଶ୍ରୀହରି ସାହୁ ସଭାପତିତ୍ୱ କରିଥିଲେ। ଦୀପାବଳିକୁ ଦୃଷ୍ଟିରେ ରଖି ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପରିବେଶକୁ ଶବ୍ଦ ଓ ବାୟୁ ପ୍ରଦୂଷଣମୁକ୍ତ କରିବା ପାଇଁ ବାଣ ନଫୁଟାଇ ଦୀପ ପ୍ରଜ୍ୱଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସମ୍ପାଦକ ଗୋକୁଳାନନ୍ଦ ସାହୁ, ଶିକ୍ଷାବିତ ରାଧାକାନ୍ତ ସାହୁ, ଶଙ୍କର୍ଷଣ ସାହୁ, ରବୀନ୍ଦ ସାହୁ, କୀର୍ତ୍ତନ ସାହୁ, କୁଶଚନ୍ଦ୍ର ସାହୁ, ଗଦାଧର ସାହୁ, ସୁଦର୍ଶନ ସାହୁ, ନବକିଶୋର ସାହୁ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

### ନିରାଶ୍ରୟ ବୃଦ୍ଧଙ୍କ ମୃତଦେହ ସତ୍କାର କଲା କ୍ଲବ ଦି ୟୁଥ ମାସ୍

ଯାଜପୁରରୋଡ,୬।୧୧(ନି.ପ୍ର.)- କ୍ଲବ ଦି ୟୁଥ ମାସ୍ ପକ୍ଷରୁ ମଙ୍ଗଳବାର ଜଣେ ନିରାଶ୍ରୟ ବୃଦ୍ଧଙ୍କ ମୃତଦେହ ସତ୍କାର କରାଯାଇଛି। ସେ ହେଲେ ଦାମୋଦର ମୁଣ୍ଡା (୭୫)। ଯାଜପୁରରୋଡ ରେଳ ଷ୍ଟେଶନରେ ଭିକ୍ଷାବୃତ୍ତି କରି ପେଟ ପୋଷୁଥିଲେ । ଗତ ୨୪ ତାରିଖରେ ଅସୁସ୍ଥ ହେବାରୁ କ୍ଲବ ଦି ୟୁଥ ମାସ ପକ୍ଷରୁ ତାଙ୍କୁ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ହୋଇଥିଲା । ସେ ନିରାଶ୍ରୟ ହୋଇଥିବାରୁ କ୍ଲବ ଦି ୟୁଥ ମାସ ପକ୍ଷରୁ ମୃତଦେହ ସତ୍କାର କରାଯାଇ ଶୁଦ୍ଧିକ୍ରିୟା କରାଯିବ ବୋଲି ସୂଚନା ଦିଆଯାଇଛି ।

## ଜିଲାପାଳଙ୍କୁ ଭେଟିଲା ବ୍ୟାସନଗର ନାଗରିକ କମିଟି

ଯାଜପୁରରୋଡ,୬।୧୧(ନି.ପ୍ର.)


ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ନାଗରିକ କମିଟି ସଦସ୍ୟ ।

ଯାଜପୁରରୋଡ ସହରର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସୋମବାର ଅପରାହ୍ନରେ ବ୍ୟାସନଗର ନାଗରିକ କମିଟି ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛି । ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନ ଦୃଷ୍ଟିଦେବାକୁ ଦାବି କରାଯାଇଛି । ଏଥିସହ ରେଳ ଫାଟକ ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ ପାଇଁ ଦାବି ହୋଇଛି। ଯାଜପୁରରୋଡ ଷ୍ଟେଶନ ନାମ ବଦଳାଇ ବ୍ୟାସନଗର ଓ କଳିଙ୍ଗନଗର ରଖିବା ସହ ସମସ୍ତ ଏକ୍ସପ୍ରେସ ରହଣି, ଯୋଜନା ଅନୁସାରେ ତ୍ରୁଟିପୂର୍ଣ୍ଣ ଗୋଲେଇ ଛକର ପୁନଃନିର୍ମାଣ, ଯାଜପୁରରୋଡ ଡାକ୍ତରଖାନାକୁ ୧୦୦ ଶଯ୍ୟା ବିଶିଷ୍ଟ କରିବା ସହ ଆଇସିୟୁ ବ୍ୟବସ୍ଥା କରିବା ପାଇଁ ଦାବି କରାଯାଇଥିଲା। ଅଧାପନ୍ତରିଆ ଜୋକଡିଆ ପ୍ରକଳ୍ପକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା, ବିପର୍ଯ୍ୟସ୍ତ ବିଦ୍ୟୁତ୍ ସେବାର ସମାଧାନ ଏବଂ ନନ୍ଦରାମ ହିନ୍ଦୀ ପାଠଶାଳା ଗୃହ ନିର୍ମାଣ ପାଇଁ ଦାବି ଉପସ୍ଥାପନ କରାଯାଇଥିଲା। ଜିଲାପାଳ ରଞ୍ଜନ କୁମାର ମିଶ୍ର ଦାବିପତ୍ର ଉପରେ ଆଲୋଚନା କରି ଫ୍ଲାଏ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ ହେବା ସହ ବିଜୁ ପଟ୍ଟନାୟକ ଛକଠାରୁ ଦମକଳ ଛକ ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ କରାଯିବ ବୋଲି କହିଥିଲେ। ନାଗରିକ କମିଟି ସଭାପତି ହେମନ୍ତ କୁମାର ସାହୁ, ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ରାଉତ, ହୃଷିକେଶ ସାହୁ, ହୃଦାନନ୍ଦ ସାମଲ, ନାରାୟଣ ପ୍ରସାଦ ପତି, ପ୍ରଫୁଲ ନାୟକ, ସଦାଶିବ ଦାସ, ଚନ୍ଦ୍ରମଣି ପାତ୍ର, ଦାମୋଦର ପଣ୍ଡା ପ୍ରମୁଖ ବହୁ ସଦସ୍ୟ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ ।

## ୯୫ ୟୁନିଟ୍ ରକ୍ତ ସଂଗ୍ରହ

ଦଶରଥପୁର, ୬।୧୧ (ଡି.ଏନ.ଏ.)

ବରିଷ୍ଠ କଂଗ୍ରେସ ନେତା ଲଲାଟେନ୍ଦୁ ମହାପାତ୍ରଙ୍କ ୨ୟ ଶ୍ରାଦ୍ଧାବାର୍ଷିକ ଅବସରରେ ମଙ୍ଗଳବାର ଲୁଲୁ ମହାପାତ୍ର ସ୍ମୃତି କମିଟି ମଙ୍ଗଳପୁର ପକ୍ଷରୁ ମଙ୍ଗଳବାର ମଙ୍ଗଳପୁରସ୍ଥିତ ଗ୍ରୀନଲ୍ୟାଣ୍ଡ ପବ୍ଲିକ ସ୍କୁଲଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୯୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି । ପିସିସି ସମ୍ପାଦକ ପଦ୍ମାକର ଗୁରୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ । କମିଟି ପକ୍ଷରୁ ଲୁଲୁ ମହାପାତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପୂର୍ବତନ ବିଧାୟକ ଅର୍ଜୁନ ଚରଣ ଦାସ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସନ୍ତୋଷ ନନ୍ଦ, ବଳଭଦ୍ର ଦାସ, ଭରତ ଚନ୍ଦ୍ର ପରିଡା, ମନୋରଞ୍ଜନ ଦାସ, ଗୋବିନ୍ଦ ପରିଡା, ଶ୍ୟାମସୁନ୍ଦର କର, ପ୍ରଫୁଲ ଦାସ, ଶିକ୍ଷାବିତ ଅନାମ ଚରଣ ସେନାପତି, ସ୍ମୃତି କମିଟି ସଭାପତି ଉତ୍କଳ କେଶରି ମହାପାତ୍ର, କମଳିନୀ ଦାସ, ଦର୍ପନାରାୟଣ ମହାପାତ୍ର, ପ୍ରଶାନ୍ତ ସାହୁ, ସାଗର ରଂଜନ ପରିଡା, ଚନ୍ଦ୍ରଶେଖର ସାହୁ ପ୍ରମୁଖ ଯୋଗଦେଇଥିଲେ । ମଙ୍ଗଳବାର ସକାଳେ କମିଟି ପକ୍ଷରୁ ଦଶରଥପୁର ନେତାଜୀ ଭିନ୍ନକ୍ଷମ ବିଦ୍ୟାଳୟ ଏବଂ କନ୍ୟାଶ୍ରମ ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ଓ ଫଳ ବଣ୍ଟନ କରାଯାଇଥିଲା । ଅମିୟ କୁମାର ଦାସ, ପିଙ୍କି ଜେନା, ଅନନ୍ତ କୁମାର ଦାସ, ପ୍ରଜ୍ଞାରଞ୍ଜନ ତ୍ରିପାଠୀ, କୁନୁ ପ୍ରଧାନ, ଅକ୍ଷୟ ନାୟକ, ଯୁବରାଜ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ ।

## ବାଲି ବୋଝେଇ ଟ୍ରାକ୍ଟର ଜବତ


ଜବତ ଟ୍ରାକ୍ଟର ।

କୋରେଇ,୬।୧୧(ସ୍ୱ.ପ୍ର.)

ବୈତରଣୀ ନଦୀପଠାର ଗଣ୍ଡିଆଖାଇ ଘାଟରୁ ବେଆଇନ ବାଲି ଉଠାଣ ସମୟରେ ମଙ୍ଗଳବାର ସକାଳ ୧୧ଟାରେ ଏକ ନମ୍ବର ବିହୀନ ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଛି। ତାରାକୋଟ ଆର୍‌ଆଇ ବିଷ୍ଣୁଚରଣ ପଣ୍ଡା ଓ ଏଆର୍‌ଆଇ ରଶ୍ମିତା ସେଠୀ ବରୁଣ୍ଡେଇ ବଜାର ନିକଟରେ ବାଲି ବୋଝେଇ ଟ୍ରାକ୍ଟର ଅଟକାଇ ଆର୍ ଫର୍ମ ମାଗିଥିଲେ। ହେଲେ ଡ୍ରାଇଭର ପାଖରେ ଆର୍ ଫର୍ମ, ଗାଡ଼ିର କାଗଜପତ୍ର ଓ ନମ୍ବର ନ ଥିବାରୁ ଗାଡ଼ି ଜବତ କରି କୋରେଇ ପୋଲିସକୁ ହସ୍ତାନ୍ତର କରିଛନ୍ତି। ଏି ପରି ଭାବେ ବିନା ଲିଜ୍‌ରେ ଗଣ୍ଡିଆଖାଇ ଘାଟ ଓ ମଥୁରାପୁର ପୋଲ ତଳୁ ବାଲି ଉଠାଣ ଦ୍ୱାରା ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଇବା ସହ ପୋଲ ଦୁର୍ବଳ ହୋଇପଡୁଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ପ୍ରସ୍ତୁତି ବୈଠକ

ଦଶରଥପୁର,୬।୧୧(ଡି.ଏନ୍.ଏ.)
ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ଦଶରଥପୁର ବ୍ଲକ ଗୋପାଳପୁର ପଞ୍ଚାୟତସ୍ଥିତ ଅଙ୍ଗନୱାଡ଼ି କେନ୍ଦ୍ର ପଡ଼ିଆଠାରେ ମଙ୍ଗଳବାର କଂଗ୍ରେସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଶରଥପୁର ବ୍ଲକ କଂଗ୍ରେସ ଯୁବ ସଙ୍ଗଠକ ପୁଲିନ୍ ପୁହାଣ ନେତୃତ୍ୱ ନେଇଥିଲେ। ନିର୍ବାଚନକୁ ନେଇ ୩ ଦଳ ପକ୍ଷରୁ ରାଜନୈତିକ ଗୋଟି ଚାଳନା ଆରମ୍ଭ ହୋଇଯାଇଛି। ରାଜ୍ୟ ସରକାରଙ୍କ ଦୁର୍ନୀତି ବିରୋଧରେ ଭାଜପା ପକ୍ଷରୁ ୨ ଦିନ ପୂର୍ବେ ବ୍ଲକ ଘେରାଉ କରାଯାଇଥିଲା। ତେବେ ଦୀର୍ଘଦିନ ଧରି କ୍ଷମତାକୁ ଆସିପାରି ନ ଥିବା କଂଗ୍ରେସର ନିରଞ୍ଜନ ପଟ୍ଟନାୟକ ପିସିସି ସଭାପତି ଆସନ ଗ୍ରହଣ କରିବା ପରେ ଦଶରଥପୁର ବ୍ଲକ କଂଗ୍ରେସ ମଧ୍ୟରେ ଏକ ଆଶା ଜାଗ୍ରତ ହୋଇଥିବା କୁହାଯାଇଥିଲା । ଶତାଧିକ କଂଗ୍ରେସ କର୍ମୀ ସଙ୍ଗଠକ ପୁଲିନ୍‌ଙ୍କ ନେତୃତ୍ୱରେ ଗୋପାଳପୁର ପଞ୍ଚାୟତରେ ଘରଘର ବୁଲି ଲୋକଙ୍କ ସହ ମିଶିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଠକୁଥିବା ଉକ୍ତ ପଞ୍ଚାୟତର ପୂର୍ବତନ ସରପଞ୍ଚ ରବିନାରାୟଣ ଜେନା କହିଥିଲେ। କେନ୍ଦ୍ର ସରକାର ପେଟ୍ରୋଲ, ଡିଜେଲ ଓ ଇନ୍ଧନର ଆଶାତୀତ ଦର ବୃଦ୍ଧି ଓ ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତି ବିରୋଧରେ କଂଗ୍ରେସ କର୍ମୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଦୀପ୍ତିରେଖା ମିଶ୍ର, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଆରତି ସ୍ୱାଇଁ, ବଡଚଣା ବ୍ଲକ ମହିଳା ସଭାନେତ୍ରୀ ସୁରେଖା ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ରବୀନ୍ଦ୍ର ପଣ୍ଡା, ଗୌତମ ମଲ୍ଲିକ,ସବ୍ୟସାଚୀ ଦାସ, ପାଣ୍ଡବ ଚରଣ ବାରିକ ପ୍ରମୁଖ ବୈଠକରେ ଯୋଗଦେଇଥିଲେ।

## ଜନସମ୍ପର୍କ ପଦଯାତ୍ରାରେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ

କୋରେଇ,୬।୧୧(ସ୍ୱ.ପ୍ର.)

କୋରେଇ ବ୍ଲକ ଅନ୍ତର୍ଗତ ସାଦକପୁର ପଞ୍ଚାୟତରେ ମଙ୍ଗଳବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଖ୍ୟାଲଘୁ ସେଲ୍ ସଭାପତି ମୁନା ଖାଁ ଯୋଗ ଦେଇଥିଲେ। ଯାଜପୁର ଏମ୍‌ପି ରୀତା ତରାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ପେଟ୍ରୋଲ, ଡିଜେଲ ଓ ଗ୍ୟାସର ଦରବୃଦ୍ଧିକୁ ନେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। କୋରେଇ ବିଧାୟକ ଆକାଶ ଦାସ ନାୟକଙ୍କ ନେତୃତ୍ୱରେ ସାଦକପୁର ପଞ୍ଚାୟତର ମେଲଣ ପଡିଆଠାରୁ ପଦଯାତ୍ରା ଆରମ୍ଭ ହୋଇ କିଲ୍ଲା ପଡ଼ିଆଠାରେ ଶେଷ ହୋଇଥିଲା। ଶତାଧିକ ମହିଳା ଓ କର୍ମୀ ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ନିକଟରୁ ଅତିଥିଙ୍କୁ ସ୍ୱାଗତ କରି ଆଣିବା ପରେ ସେମାନେ ବିଧାୟକଙ୍କ ସହ ଯୋଗ ଦେଇଥିଲେ। ପରେ କିଲ୍ଲା ପଡିଆରେ ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ବିଧାୟକ ଆକାଶ ଦାସନାୟକ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ମାତାଜୀ ଆଏଚ, ଧରଣୀଧର ଘଡାଇ, ସୁବାସ ବଳ, ପ୍ରିତୀରଞ୍ଜନ ସାହୁ, ଧନେଶ୍ୱର ବାରିକ, କାର୍ତ୍ତିକ ପଣ୍ଡା, ବଳରାମ ସାହୁ, ପୁରୁଷୋତ୍ତମ ଦାସ, ରୁନୁ ଭୂୟାଁ, ରମେଶ ନାୟକଙ୍କ ସମେତ ବହୁ କର୍ମୀ ଓ ନେତା ଉପସ୍ଥିତ ଥିଲେ। ସାଦକପୁର ପଞ୍ଚାୟତ ବିଜେଡି ସଭାପତି ସେକ୍ ଆଜମ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଗା ଶିଶୁ ସାହିତ୍ୟ ସଂସଦର ବୈଠକ

ରତ୍ନଗିରି,୬।୧୧(ଡି.ଏନ.ଏ.)
ଯାଜପୁର ଜିଲାର ଅଗ୍ରଣୀ ଜଗା ଶିଶୁ ସାହିତ୍ୟ ସଂସଦର ସମଗ୍ର ରାଜ୍ୟରେ ଓଡ଼ିଆ ଶିଶୁ ସାହିତ୍ୟ ଓ ଶିଶୁ ପ୍ରତିଭାକୁ ବିକଶିତ କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବିଶିଷ୍ଟ ଶିଶୁ ସାହିତ୍ୟିକ ଓ ଗୀତିକାର ନନ୍ଦକିଶୋର ସିଂହଙ୍କୁ ଶ୍ରୀଜଗନ୍ନାଥ ସମ୍ମାନ ଓ ଶିଶୁ ସାହିତ୍ୟିକ ପ୍ରଭାତ ପତିଙ୍କୁ ସାହିତ୍ୟିକ ଉତ୍ତମ ନାୟକଙ୍କ ସ୍ମୃତି ସମ୍ମାନ ପ୍ରଦାନ କରାଯିବ ବୋଲି ସଂସଦର ସ୍ୱତନ୍ତ୍ର ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏ ନେଇ ଅଭିମନ୍ୟୁ ସାମନ୍ତସିଂହାର ମହାବିଦ୍ୟାଳୟ ପରିସରରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ବ୍ରଜ ମୋହନ ସାମଲ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ୨୫ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୧୪ ତାରିଖରେ ନାଥପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ରଜତ ଉତ୍ସବ ଅନୁଷ୍ଠିତ ହେବ । ଏହି ଅବସରରେ ଓଡ଼ିଆ ଶିଶୁ ସାହିତ୍ୟ ଓ ସଂଗୀତକୁ ସହସ୍ରାଧିକ ଗୀତ, କବିତା, ଗପ ଭେଟି ଦେଇଥିବା ବର୍ଷିଆନ ସାଧକ ନନ୍ଦକିଶୋର ସିଂହଙ୍କୁ ସଂସଦର ମର୍ଯ୍ୟାଦାଜନକ ସମ୍ମାନ ଶ୍ରୀଜଗନ୍ନାଥ ସମ୍ମାନ ଓ ଶିଶୁସାହିତ୍ୟିକ, ଜ୍ୟୋତିଷ ବିଶାରଦ, ଶିକ୍ଷକ ପ୍ରଭାତ ପତିଙ୍କୁ ସାହିତ୍ୟିକ ଉତ୍ତମ ଚରଣ ନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯିବାକୁ ସ୍ଥିର ହୋଇଛି । ଉଭୟଙ୍କୁ ନଭେମ୍ବର ୧୪ ଶିଶୁ ଦିବସରେ ସମ୍ବର୍ଦ୍ଧିତ କରାଯିବ । ଏଥିସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସଂସଦ ସମ୍ପାଦକ ଅଜୟ କୁମାର ଜେନା ପ୍ରକାଶ କରିଛନ୍ତି । ସଂସଦ ଉପସଭାପତି ଶରତ କୁମାର ଜେନା, ରବୀନ୍ଦ୍ର ବିହାରୀ, ନିରଞ୍ଜନ ସାହୁ, ନିର୍ମଳ କୁମାର ଗିରି, ତପନ କୁମାର ଜେନା, ସୁଶାନ୍ତ କୁମାର ଜେନା, ବସନ୍ତ କୁମାର ଭୂୟାଁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ ।

## ବ୍ରାହ୍ମଣୀକୁ ଚିରସ୍ରୋତା କରିବା ପାଇଁ ଦୀପଦାନ

ବରୀ,୬।୧୧(ସ୍ୱ.ପ୍ର.)


ବ୍ରାହ୍ମଣୀ କୂଳରେ ମହିଳାମାନେ ଦୀପଦାନ କରୁଛନ୍ତି ।

ବ୍ରାହ୍ମଣୀକୁ ଚିରସ୍ରୋତା କରିବା ପାଇଁ ଯାଜପୁର ଜିଲା ବରୀ ବ୍ଲକ ଅଧୀନ ରାମପୁର ପଞ୍ଚାୟତ ହାଟ ସାହି ଶୁକଳ ଗ୍ରାମର ସାମାଜିକ କର୍ମୀ ଭାରତୀ ଦାସ ବ୍ରାହ୍ମଣୀ ଅବବାହିକାରେ ବର୍ଷକ ମଧ୍ୟରେ ୫ ହଜାର ଦୀପ ଦାନ କରିଛନ୍ତି। ଗତ ରବିବାର ଏକ ବର୍ଷ ପୂର୍ଣ୍ଣ ହୋଇଛି। ରାମପୁର ନିକଟସ୍ଥ ବ୍ରାହ୍ମଣୀ ନଦୀକୂଳେ ଏହି ଦୀପଦାନ କରାଯାଉଛି ବୋଲି ଭାରତୀ କହିଛନ୍ତି। ପ୍ରତି ରବିବାର ସନ୍ଧ୍ୟାରେ ୫୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ନେଇ ପ୍ରତ୍ୟେକ ନଦୀ କୂଳରେ ଗୋଟିଏ ଲେଖାଏ ଦୀପ ଦାନ କରି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥାନ୍ତି। ବ୍ରାହ୍ମଣୀ ଦିନେ ଏହି ଦୀପଦାନକୁ ଗ୍ରହଣ କରି ଜଳଧାରା ପ୍ରବାହିତ କରିବ ଓ ବ୍ରାହ୍ମଣୀର ପୁନରାବୃତ୍ତି ଘଟିବ ବୋଲି ଭାରତୀଙ୍କର ଦୃଢ଼ ବିଶ୍ୱାସ ରହିଛି। ତେଣୁ ଦୈନିକ ୧୦୦ରୁ ଊର୍ଦ୍ଧ୍ୱ ମାଟି ଦୀପ ନିଜେ ତିଆରି କରିଥାନ୍ତି। ବ୍ରାହ୍ମଣୀ ନଦୀର ଡାହାଣ ପାର୍ଶ୍ୱରେ ୧୭ ଗୋଟି ପଞ୍ଚାୟତକୁ ନେଇ ଏ ବାବଦରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବେଦବ୍ୟାସରୁ ଧାମରା ପର୍ଯ୍ୟନ୍ତ ବ୍ରାହ୍ମଣୀ ଅବବାହିକାରେ ଜଳସ୍ରୋତ ପ୍ରବାହିତ ହେବା ନେଇ ବାରମ୍ବାର ଭାରତୀ ବୈଠକ କରୁଥିବା କହିଛନ୍ତି। ବ୍ରାହ୍ମଣୀ ଚିରସ୍ରୋତା କରିବା ଉଦ୍ଦେଶ୍ୟରେ ଏହି ଆରାଧନା ପ୍ରକ୍ରିୟା ଜାରି ରହିବ ବୋଲି ସୂଚନା ଦେଇଛନ୍ତି। ଏଥିପାଇଁ ବ୍ରାହ୍ମଣୀ ସଂସଦ ନାମରେ ଏକ ସଙ୍ଗଠନ ଗଠନ କରାଯିବ। ଗ୍ରାମ ସ୍ୱରାଜ ଯୋଜନାରେ ସାଧାରଣ ଲୋକଙ୍କୁ ସାମିଲ କରାଯାଇ ବ୍ରାହ୍ମଣୀ ନଦୀର ସୁରକ୍ଷା ଉପରେ କାର୍ଯ୍ୟ କରାଯିବ। ଏଥିପାଇଁ ଜଳ ବିଶେଷଜ୍ଞ ମାନସ ରଞ୍ଜନ ମିଶ୍ରଙ୍କ ସହାୟତା ଲୋଡାଯାଇଛି ବୋଲି ଭାରତୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଶତାଧିକ ମହିଳାଙ୍କୁ ଏହି ସଂସଦରେ ସାମିଲ କରାଯିବ। ବ୍ରାହ୍ମଣୀ ଅବବାହିକାର ପ୍ରତ୍ୟେକ ପଞ୍ଚାୟତରେ ଜନସଚେତନତା ପାଇଁ ବୈଠକ ମାଧ୍ୟମରେ ଆଲୋଚନା କରାଯିବ ବୋଲି ସ୍ଥିର ହୋଇଛି। ଭାରତୀ ଏତିକିରେ ସୀମିତ ନାହାନ୍ତି। ଚିତ୍ରକଳା, କବିତା ଲେଖିବା ଓ ସାଧାରଣ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି ।

# ପ୍ରମୁଖ ଦାବିଦାରଙ୍କୁ ଟିକେଟ ନ ମିଳିଲେ ବିପଦ

ପାରାଦୀପ,୬।୧୧(ସ୍ୱ.ପ୍ର.)

ପାରାଦୀପ ନିର୍ବାଚନମଣ୍ଡଳୀରେ ୨୦୧୯ ସାଧାରଣ ନିର୍ବାଚନକୁ ନେଇ ଏବେ ଜୋରଦାର ରାଜନୈତିକ ଅଙ୍କକସା ଚାଲିଛି। ବିଶେଷ କରି ଗତ ସେପ୍ଟେମ୍ବର ୧୨ରେ ସ୍ଥାନୀୟ ବିଧାୟକ ଦାମୋଦର ରାଉତଙ୍କୁ ବିଜେଡିରୁ ବହିଷ୍କାର କରାଯିବା ପରଠାରୁ ଏହି ଅଙ୍କ ଜଟିଳ ହୋଇପଡିଛି। ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସରେ ଏକାଧିକ ଆଶାୟୀ ପ୍ରାର୍ଥୀ ଅଛନ୍ତି। କେଉଁ ଦଳ କାହାକୁ ପ୍ରାର୍ଥୀ କରିବ ତାହା ବୁଝାପଡୁନି। ଏହାକୁ ନେଇ କର୍ମୀମାନେ ମଧ୍ୟ ବାଉଳା ହେଉଛନ୍ତି। ଏପରିକି ଯେଉଁମାନେ ପ୍ରମୁଖ ଦାବିଦାର ସେମାନେ ଟିକେଟ ପାଇବେ କି ନାହିଁ ସନ୍ଦେହରେ ରହିଛନ୍ତି। କାରଣ ସେମାନଙ୍କୁ ଚେକ୍ ଦେବାକୁ ବିଦ୍ରୋହୀ ନେତାମାନେ ସମ୍ମୁଖ ଯୁଦ୍ଧକୁ ଓହ୍ଲାଇଲେଣି। ଅନ୍ୟପକ୍ଷରେ ଯଦି ପ୍ରମୁଖ ଦାବିଦାରମାନଙ୍କୁ ଦଳ ଟିକେଟ ନ ଦିଏ ତେବେ ଏହାର ପରିଣତି ଦଳ ପାଇଁ ଘାତକ ହେବ ବୋଲି ମଧ୍ୟ କୁହାଯାଉଛି।

ଶାସକ ବିଜେଡି କଥା ପ୍ରଥମେ ବିଚାର କରାଯାଉ। ଦଳ ବିଧାୟକ ଦାମୋଦର ରାଉତଙ୍କୁ ବହିଷ୍କାର କରିବା ପରେ ତାଙ୍କ ସ୍ଥାନରେ କାହାକୁ ରଖିବ ଏ ପର୍ଯ୍ୟନ୍ତ ସ୍ଥିର କରିପାରୁନାହିଁ। ଫଳରେ ଆଶାୟୀ ନେତା ଓ ସେମାନଙ୍କ କର୍ମୀମାନେ ଦ୍ୱନ୍ଦ୍ୱରେ ରହିଛନ୍ତି। ଦାମଙ୍କୁ ଦଳ ବହିଷ୍କାର କରିବା ପରେ ପ୍ରଥମେ ୫ ଜଣ ଆଶାୟୀ ପ୍ରାର୍ଥୀଙ୍କ ନାମ ଚର୍ଚ୍ଚା ହେଉଥିଲା। ସେମାନେ ହେଲେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଏମ୍‌ପି କୁଳମଣି ସାମଲ, ଦେବାଶିଷ ସାମନ୍ତରାୟ, ଶ୍ରମିକ ନେତା ସନ୍ତୋଷ କୁମାର ପଟ୍ଟନାୟକ ଓ ସୁମନ୍ତ ବିଶ୍ୱାଳ। ଏବେ ଏହି ତାଲିକା ସଂକ୍ଷିପ୍ତ ହେଲାଣି। ଦୌଡ଼ରେ ବସନ୍ତ, କୁଳମଣି ଓ ଦେବାଶିଷ ଥିବା କୁହାଯାଉଛି। ବସନ୍ତ ଅଧିକ କ୍ରିୟାଶୀଳ ଥିବାବେଳେ ସବୁ ପଞ୍ଚାୟତ କର୍ମୀଙ୍କ ସହ ଯୋଗାଯୋଗରେ ଅଛନ୍ତି। ସେହିପରି ଗତମାସ ୩୦ ତାରିଖରେ ଦେବାଶିଷ ପାରାଦୀପ ଗସ୍ତ କରି ଗଜଲକ୍ଷ୍ମୀ ପୂଜା ବୁଲିବା ବାହାନାରେ କର୍ମୀଙ୍କୁ ଭେଟିଛନ୍ତି। ଅନ୍ୟପକ୍ଷରେ କୁଳମଣି ଦଳୀୟ କାର୍ଯ୍ୟକ୍ରମକୁ ସଂଚାଳନା କରିବା ସହ ଅଧିକ ବୁଲାବୁଲି କରୁଛନ୍ତି। ତେଣୁ ଏମାନଙ୍କ ମଧ୍ୟରୁ କିଏ ପ୍ରାର୍ଥୀ ହେବ ନା ଦଳ ଆଉ କାହାକୁ ପ୍ରାର୍ଥୀ କରିବ ତାହାକୁ ନେଇ ବିଜେଡିର କର୍ମୀମାନେ ଦ୍ୱନ୍ଦ୍ୱରେ ଅଛନ୍ତି। ଏହାବାଦ୍ ଆଉ ୨ ଜଣ ଭୁବନେଶ୍ୱରରେ ବିଭିନ୍ନ ବିଧାୟକ ଓ ମନ୍ତ୍ରୀଙ୍କ ଘରେ ଚକ୍କର କାଟୁଛନ୍ତି।

**ପାରାଦୀପ ନିର୍ବାଚନମଣ୍ଡଳୀ**

- ୩ ଦଳରେ ଏକାଧିକ ଦାବିଦାର
- ବାଉଳା ହେଉଛନ୍ତି କର୍ମୀ
- ଦାମଙ୍କ ବହିଷ୍କାର ପରେ ଜଟିଳ ହୋଇଛି ପରିସ୍ଥିତି



ସେହିପରି ଭାଜପାରେ ମଧ୍ୟ ଆଶାୟୀଙ୍କ ସଂଖ୍ୟା କମ୍ ନାହିଁ। ଗତ ୫ ତାରିଖରେ ଦଳ ନିଯୁକ୍ତି ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କୁ ଘେରାଉ କରିବାକୁ ବିଭିନ୍ନ ସ୍ଥାନରେ ନିୟୋଜନ କାର୍ଯ୍ୟାଳୟରେ ତାଲା ବନ୍ଦ ଆନ୍ଦୋଳନ କରିଥିଲା। ତେବେ ଏହି ବିରୋଧ କାର୍ଯ୍ୟକ୍ରମ ପାରାଦୀପରେ ଭାଜପାର ଦୁଇ ଗୋଷ୍ଠୀ ସମାନ୍ତରାଳ ଭାବେ କରିଥିଲେ। ଯେଉଁ ଦୁଇ ଜଣଙ୍କ ନେତୃତ୍ୱରେ ଏହା କରାଯାଇଥିଲା ସେମାନେ ହେଲେ ଦଳର ଜିଲା ଯୁବମୋର୍ଚ୍ଚା ସଭାପତି ସମ୍ପଦ ସ୍ୱାଇଁ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗତିକୃଷ୍ଣ ଶତପଥୀ। ସମ୍ପଦ ୨୦୧୪ ନଭେମ୍ବରରେ ଭାଜପାରେ ମିଶିଥିଲେ। ଏହାପରଠାରୁ ଦଳୀୟ ସଂଗଠନ କାର୍ଯ୍ୟରେ ସେ ଲାଗିଛନ୍ତି। ଏପରିକି ତାଙ୍କ ନେତୃତ୍ୱରେ ପାରାଦୀପ ପୌର ନିର୍ବାଚନ ୨୦୧୫ରେ ଭାଜପା ଗୋଟିଏ ଆସନ ଓ ୨୦୧୭ ପଞ୍ଚାୟତ ନିର୍ବାଚନରେ ୨ଟି ଜିଲାପରିଷଦ ଆସନ ପାଇଥିଲା। ଏହି କ୍ରମରେ ସମ୍ପଦ ପ୍ରମୁଖ ଦାବିଦାର ଥିବାବେଳେ ତାଙ୍କ ବିଦ୍ରୋହୀ ଭାବେ ଉଭା ହୋଇଛନ୍ତି ଗତିକୃଷ୍ଣ। ଗତିକୃଷ୍ଣ ମଧ୍ୟ ପୁରୁଣା ନେତା। ତାଙ୍କର ମଧ୍ୟ ଏଠାରେ ଭଲ ସଂଗଠନ ରହିଛି। ଅନ୍ୟତମ ଦଳ କଂଗ୍ରେସରେ ମଧ୍ୟ ଅନେକ ଆଶାୟୀ ପ୍ରାର୍ଥୀ ଅଛନ୍ତି। ଅରିନ୍ଦମ ସର୍ଖେଲ(ବାପି) ୨୦୧୪ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲର କିଛି ସମୟ ପୂର୍ବରୁ କଂଗ୍ରେସରେ ମିଶିଥିଲେ ଓ ଦଳୀୟ ଟିକେଟ ପାଇଥିଲେ। ପ୍ରାୟ ୪୭ ହଜାର ଭୋଟ୍ ପାଇ ସେ ତତ୍କାଳୀନ ବିଜେଡି ପ୍ରାର୍ଥୀ ଦାମୋଦର ରାଉତଙ୍କୁ କଡ଼ା ଟକ୍କର ଦେଇଥିଲେ। ଏହା ପରଠାରୁ ସେ ଦଳର ତୃଣମୂଳସ୍ତରଠାରୁ ଶୀର୍ଷସ୍ତର ପର୍ଯ୍ୟନ୍ତ କାର୍ଯ୍ୟରେ ଲାଗିଛନ୍ତି। ତେବେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ଦଳର ଅନ୍ୟତମ ଆଶାୟୀ ହେଉଛନ୍ତି ପ୍ରମୋଦ କିଶୋର ଜେନା। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନଙ୍କ ସମୟରେ ସେ ଦଳରେ ଏକପ୍ରକାର ଅଲୋଡ଼ା ହୋଇପଡିଥିଲେ। କିନ୍ତୁ ନିରଞ୍ଜନ ପଟ୍ଟନାୟକ ପିସିସି ସଭାପତି ହେବା ପରେ ସ୍ଥିତି ବଦଳିଛି। ପ୍ରମୋଦ ସାଂଗଠନିକ କ୍ଷେତ୍ରରେ ପୂର୍ବାପେକ୍ଷା ଅଧିକ ତତ୍ପର ହୋଇଛନ୍ତି। ବିଭିନ୍ନ ସ୍ଥାନରେ ହୋର୍ଡିଂ ଲଗାଇ ପ୍ରଚାର ପ୍ରସାର କରୁଛନ୍ତି। ସେହିପରି ଗତ ଗଜଲକ୍ଷ୍ମୀ ପୂଜା ସମୟରେ ଏମ୍‌ପି ରଞ୍ଜୀବ ବିଶ୍ୱାଳ ପାରାଦୀପ ନିର୍ବାଚନମଣ୍ଡଳୀ ବୁଲିବା ଭିନ୍ନ ସମୀକରଣ ସୃଷ୍ଟି କରିଛି। କୁହାଯାଉଛି ବାପିଙ୍କୁ ଚେକ୍ ଦେବାକୁ ରଞ୍ଜୀବ ଯୋଜନା କରୁଛନ୍ତି। କେତେଜଣ ପ୍ରଚାର ମଧ୍ୟ କଲେଣି ଯେ ରଞ୍ଜୀବ ପାରାଦୀପରୁ କଂଗ୍ରେସ ପ୍ରାର୍ଥୀ ହୋଇପାରନ୍ତି। ନିର୍ବାଚନ ଯେତିକି ପାଖେଇ ଆସୁଛି, ପାରାଦୀପ ନିର୍ବାଚନମଣ୍ଡଳୀରେ ରାଜନୈତିକ ମୋଡ଼ ସେତେ ବଦଳି ଚାଲିଛି। ଏଥିଯୋଗୁ ପ୍ରମୁଖ ଦାବିଦାରମାନେ ମଧ୍ୟ ଉତ୍ସାହ ହରାଉଛନ୍ତି। ସେହି ଆଶାୟୀଙ୍କୁ ଦଳ ଏବେଠାରୁ ନେତୃତ୍ୱ ନ ଦେଲେ ସେମାନେ ଆଗାମୀ ଦିନରେ କି ରୂପ ନେବେ ତାହା ଜାଣିବା ମୁସ୍କିଲ। ଏହା ଦଳ ପାଇଁ କ୍ଷତିକାରକ ହୋଇପାରେ।

## ସଂକ୍ଷେପରେ

### ଗଛରୁ ପଡ଼ି ଯୁବକ ମୃତ

**ବାଲିକୁଦା,୬।୧୧(ସ୍ୱ.ପ୍ର.):** ବାଲିକୁଦା ଥାନା କୃଷ୍ଣଦାସପୁର ପଞ୍ଚାୟତର ଖାନାବାଡ଼ି ଗ୍ରାମରେ ମଙ୍ଗଳବାର ଗଛରୁ ପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ସ୍ୱର୍ଗତ ନଟବର ଭୋଇଙ୍କ ପୁଅ ଦିଲୀପ(୪୨)। ସେ ଲୋକଙ୍କ ବାଡି ବଗିଚାରେ ଥିବା ଗଛରେ ଚଢି ଡାଳ ହାଣି ରୋଜଗାର କରନ୍ତି। ମଙ୍ଗଳବାର ସେ ବାଲିଭଉଁରୀ ଗାଁରେ ଏକ ଗଛରେ ଚଢି ଡାଳ ହାଣୁଥିବାବେଳେ ଅସାବଧାନତା ହେତୁ ତଳକୁ ଖସିପଡିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଜଗତ୍‌ସିଂହପୁର ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଓଡ଼ିଆ ଭାଷାରେ ଫଳକ ଲେଖିବାକୁ ଆହ୍ୱାନ



**ପାରାଦୀପ,୬।୧୧(ସ୍ୱ.ପ୍ର.):** ପାରାଦୀପ ପୌର ପାଳିକା ପକ୍ଷରୁ ମଙ୍ଗଳବାର ଓଡ଼ିଆ ଭାଷା ପ୍ରଚଳନ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଓଡ଼ିଶା ସରକାରଙ୍କ ନିଷ୍ପତ୍ତି କ୍ରମେ ପ୍ରତ୍ୟେକ ଦୋକାନ, ବ୍ୟବସାୟୀକ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଓଡ଼ିଆରେ ନାମଫଳକ ଲେଖାଯିବା ବାଧ୍ୟତାମୂଳକ। ଓଡ଼ିଆ ଭାଷା ଆଇନ ୧୯୫୬ ଓ ସଂଶୋଧିତ ନୂତନ ଆଇନ ଅନୁସାରେ ଯେଉଁମାନେ ଓଡ଼ିଆରେ ଫଳକ ନ ଲେଖିବେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେମାନଙ୍କ ଫଳକକୁ ପୌରପାଳିକା ହଟାଇବା ସହ ଏକ ହଜାରରୁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ ବୋଲି ଏଥିରେ ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି କହିଥିଲେ। ସମସ୍ତେ ନିଜର ମାତୃଭାଷାର ଟେକ ରଖିବା ପାଇଁ ଓଡ଼ିଆ ଭାଷାରେ ସମସ୍ତ ଲେଖାପଢା କରିବାକୁ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷା ପ୍ରଭାତି ନାୟକ, କାଉନ୍‌ସିଲର ଶଙ୍କର ପ୍ରସାଦ ରାଉତ, ଅଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଶିକ୍ଷୟିତ୍ରୀ ଶିକ୍ଷକ, ଅଧ୍ୟାପକ, ଅଙ୍ଗନୱାଡି, ଆଶା କର୍ମୀ ଓ ବିଜୁ ଯୁବବାହିନୀ ସଭ୍ୟ ଉପସ୍ଥିତ ଥିଲେ।

### କାର୍ତ୍ତିକେଶ୍ୱର ପୂଜା ପ୍ରସ୍ତୁତି ବୈଠକ

**କୁଜଙ୍ଗ,୬।୧୧(ସ୍ୱ.ପ୍ର.):** କୁଜଙ୍ଗ-ପାରାଦୀପ ସାଂସ୍କୃତିକ ସଂଘ ପକ୍ଷରୁ ସ୍ଥାନୀୟ ହନୁମାନ ମନ୍ଦିର ପରିସରରେ କାର୍ତ୍ତିକେଶ୍ୱର ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ପ୍ରଶାନ୍ତ କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଶତାଧିକ କମିଟି ସଭ୍ୟ ଉପସ୍ଥିତ ରହି ପୂଜାକୁ ସରସ ସୁନ୍ଦର କରିବାକୁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କମିଟି ପୁନର୍ଗଠନ କରାଯାଇଥିଲା। ଚଳିତ ମାସ ୨୩ ରୁ ୨୭ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି କାର୍ଯ୍ୟକ୍ରମର ବିଭିନ୍ନ ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ ବୋଲି ନିଷ୍ପତ୍ତି ହୋଇଥିଲା। କମିଟିର ଉପଦେଷ୍ଟା ଯତିନ ପଟ୍ଟନାୟକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଭାଜପା ନେତାଙ୍କ ୨୨ ମୌଜା ଗସ୍ତ

**ବାଲିଆ,୬।୧୧:** ମା ଶ୍ୟାମାକାଳୀଙ୍କ ପୂଜା ଅବସରରେ ଭାଜପା ନେତା ହରିହର ବେହେରା ବିରିଡି ବ୍ଲକର ୨୨ ମୌଜା ଗସ୍ତ କରି କର୍ମୀମାନଙ୍କୁ ଭେଟିଛନ୍ତି। ମଙ୍ଗଳବାର ୨୨ ମୌଜା କମଳପୁରଠାରେ ପରମାନନ୍ଦ ପାଢୀ, ବସନ୍ତ କୁମାର ପାଢୀ ଓ ଅନ୍ୟମାନଙ୍କ ଦ୍ୱାରା ଅନୁଷ୍ଠିତ ଏକ ଦିବସୀୟ ମା ଶ୍ୟାମାକାଳୀଙ୍କ ଦଶମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞରେ ଯୋଗଦେଇ ସେ ବିଭୂକୃପା ଲାଭ କରିବା ସହ ଜନସାଧାରଣଙ୍କୁ ଭେଟି ଆଲୋଚନା କରିଥିଲେ। ପ୍ରକାଶ ଥାଉ କି ଗତ ୩୧ ତାରିଖରେ ୨୨ ମୌଜାର ବାସନ୍ଦରା ମା ଲକ୍ଷ୍ମୀ ନାଟ୍ୟ ସଂସ୍ଥାକୁ ଅତିଥି ହୋଇ ଯିବା ଓ ଏବେ କମଳପୁର ମା କାଳୀଙ୍କ ପୂଜାରେ ଅତିଥି ଭାବେ ଯୋଗଦେବା ସହ ଲୋକମାନଙ୍କୁ ଭେଟୁଥିବାରୁ ଏବେ ବେହେରା ସ୍ଥାନୀୟ ଅଞ୍ଚଳରେ ରାଜନୈତିକ ଚର୍ଚ୍ଚାର ପରିସରକୁ ଆସିଛନ୍ତି।



ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଏମ୍‌ପି କୁଳମଣି ସାମଲଙ୍କ ଉପସ୍ଥିତିରେ ଶିବିରାର୍ଥୀମାନେ ନାମ ପଞ୍ଜୀକୃତ କରୁଛନ୍ତି।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କୁଜଙ୍ଗ,୬।୧୧(ସ୍ୱ.ପ୍ର.)

କୁଜଙ୍ଗ ମହାବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୩୪୪ ଜଣ ଶିବିରାର୍ଥୀ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ବିଭିନ୍ନ ବର୍ଗର ୨୧୦ ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଶିବିରକୁ ଜଗତ୍‌ସିଂହପୁର ଏମ୍‌ପି କୁଳମଣୀ ସାମଲ ଉଦ୍‌ଘାଟନ କରିବା ସହିତ ଭିନ୍ନକ୍ଷମମାନଙ୍କୁ ଉପଯୁକ୍ତ ଆଦର ଯତ୍ନ ଓ ଚିକିତ୍ସା ଦ୍ୱାରା ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଇ ପାରିବ ବୋଲି କହିଥିଲେ। କୁଜଙ୍ଗ ବିଡିଓ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ଜିଲା ସାମାଜିକ ନିରାପତ୍ତା ଓ ସୁରକ୍ଷା ଅଧିକାରୀ ଅବଦୁଲ ଓସବ ଖାଁ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏଥିରେ ଅସ୍ଥିଶଲ୍ୟ ବିଭାଗରେ ୯୮, ନାଶା,ଗଳା ଓ କର୍ଣ୍ଣ ବିଭାଗରେ ୧୧, ମାନସିକ ଚିକିତ୍ସା ବିଭାଗରେ ୫୮, ଦୃଷ୍ଟି ବାଧିତରେ ୪୦ ଓ ଥାଲାସେମିଆରେ ୩ ଜଣଙ୍କୁ ମିଶାଇ ମୋଟ ୨୧୦ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ର ଦିଆଯାଇଥିଲା। ଏଥିସହ ୨୫ ଜଣଙ୍କୁ ବସ ପାସ୍, ୨ ଜଣଙ୍କୁ ଚଷମା, ୩ ଜଣଙ୍କୁ ସାଇକେଲ, ୪ ଜଣଙ୍କୁ ହ୍ୱିଲ ଚେୟାର, ୨ ଜଣଙ୍କୁ ସିପି ଚେୟାର, ମୋଟ ୩୨ ଜଣଙ୍କୁ ବିଭିନ୍ନ ଉପକରଣ ଦିଆଯାଇଥିଲା। ମଣ୍ଡଳ ସାମାଜିକ ନିରାପତ୍ତା ଅଧିକାରୀ ରଞ୍ଜିତ କୁମାର ଚୌଧୁରୀ, ଅତିରିକ୍ତ ବିଡିଓ ସନ୍ତୋଷ କୁମାର ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶଙ୍ଖନାଦଙ୍କ ଅଧୁରା ସ୍ୱପ୍ନ ସାକାର କରିବାକୁ ଆହ୍ୱାନ

କୁଜଙ୍ଗ,୬।୧୧(ସ୍ୱ.ପ୍ର.)



ଶଙ୍ଖନାଦ ବେହେରାଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥି।

ବରିଷ୍ଠ କୈବର୍ତ୍ତନେତା ତଥା ପରିବେଶବିତ ଶଙ୍ଖନାଦ ବେହେରାଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି, ରାଜନେତା ଯୋଗଦେଇ ଶଙ୍ଖନାଦଙ୍କ ଅଧୁରା ସ୍ୱପ୍ନ ସାକାର କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ଅତିଥିମାନେ ଏକ ସ୍ମୃତିପତ୍ର ଲୋକାର୍ପିତ କରିଥିଲେ। ଏହି ଅବସରରେ ସେମାନେ କହିଲେ ଯେ ଶଙ୍ଖନାଦ ମା ଅମ୍ବିକା ବିଦ୍ୟାଳୟ, ନାରାୟଣ ବୀରବର ସାମନ୍ତ ମହାବିଦ୍ୟାଳୟ ପ୍ରତିଷ୍ଠା କରି ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ଏଥିସହ କଳିଙ୍ଗ କର୍ଣ୍ଣଧାର ମତ୍ସ୍ୟଜୀବୀ ସମବାୟ ସମିତି ସଭାପତି ଭାବେ କୈବର୍ତ୍ତ ଜାତି ପାଇଁ ଅନେକ କାର୍ଯ୍ୟ କରିଥିଲେ। ଅଠରବାଙ୍କୀସ୍ଥିତ ବାଲିପ୍ଲଟରେ କୈବର୍ତ୍ତ ଭବନ ପ୍ରତିଷ୍ଠା କରିବା ତାଙ୍କ ଆଉ ଏକ ପ୍ରଶଂସନୀୟ କାର୍ଯ୍ୟ ବୋଲି ବକ୍ତାମାନେ କହିଥିଲେ। ଏଥିରେ ଏମପି କୁଳମଣୀ ସାମଲ, ବିଧାୟକ ଦାମୋଦର ରାଉତ, ବାରବାଟୀ-କଟକ ବିଧାୟକ ଦେବାଶିଷ ସାମନ୍ତରାୟ, ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ, ପିସିସି ସମ୍ପାଦକ ପ୍ରମୋଦ କିଶୋର ଜେନା, କୈବର୍ତ୍ତନେତା ଗୋବିନ୍ଦ ତରାଇ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ସୁମନ୍ତ କୁମାର ବିଶ୍ୱାଳ, ସନ୍ତୋଷ ଦାଶ, ଉତ୍କଳ ସାହିତ୍ୟ ସମାଜ ସଂଗଠନ ସମ୍ପାଦକ ଜୀବନାନନ୍ଦ ଅଧିକାରୀ, ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବେରୋଙ୍କ ବହୁମୁଖୀ ପ୍ରତିଭାର ଗୁଣଗାନ କରିଥିଲେ। ତାଙ୍କ ପୁତ୍ର ଅରୁଣ କୁମାର ବେହେରା, ଶାନ୍ତନୁ ବେହେରା, ପ୍ରହଲ୍ଲାଦ ବେହେରା, ପ୍ରତାପରୁଦ୍ର ବେହେରା, ପ୍ରକାଶ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ ରାଜ୍ୟ ସଂଗଠନ ସମ୍ପାଦକ ବାବୁରାମ ଚୌଧୁରୀ, ନିଳାଦ୍ରୀ ମହାନ୍ତି, ଦୁଷ୍ମନ୍ତ ମାଝୀ ଓ ବିଭୂତି ଭୂଷଣ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅତିଥିମାନେ ଶଙ୍ଖନାଦଙ୍କ ସ୍ତ୍ରୀ ସଞ୍ଜୁକ୍ତା ବେହେରାଙ୍କୁ ସମବେଦନା ଜଣାଇଥିଲେ।

# କାର୍ତ୍ତିକେଶ୍ୱର ପୂଜା ପ୍ରସ୍ତୁତି ବୈଠକ

କୁଜଙ୍ଗ,୬।୧୧(ସ୍ୱ.ପ୍ର.)

କୁଜଙ୍ଗ-ପାରାଦୀପ ସାଂସ୍କୃତିକ ସଂଘ ପକ୍ଷରୁ ସ୍ଥାନୀୟ ହନୁମାନ ମନ୍ଦିର ପରିସରରେ କାର୍ତ୍ତିକେଶ୍ୱର ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ପ୍ରଶାନ୍ତ କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଶତାଧିକ କମିଟି ସଭ୍ୟ ଉପସ୍ଥିତ ରହି ପୂଜାକୁ ସରସ ସୁନ୍ଦର କରିବାକୁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କମିଟି ପୁନର୍ଗଠନ କରାଯାଇଥିଲା। ଚଳିତ ମାସ ୨୩ ରୁ ୨୭ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି କାର୍ଯ୍ୟକ୍ରମର ବିଭିନ୍ନ ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ ବୋଲି ନିଷ୍ପତ୍ତି ହୋଇଥିଲା। କମିଟିର ଉପଦେଷ୍ଟା ଯତିନ ପଟ୍ଟନାୟକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସାଉଦି ଆରବରେ ଓଡ଼ିଆ ଅନୁଷ୍ଠାନର ବାର୍ଷିକୋତ୍ସବ




ସାଉଦି ଆରବରେ ରୋଜା ପକ୍ଷରୁ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।




କାର୍ଯ୍ୟକ୍ରମ ଅବସରରେ ଓଡ଼ିଆ ଯୁବତୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ରାହାମା,୬।୧୧(ଡି.ଏନ୍.ଏ.)

ସାଉଦି ଆରବର ରିଆଦଠାରେ ଓଡ଼ିଶାର ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ରୋଜାର ୧୦ମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ରୋଜାର ସଭାପତି ଦେବାଶିଷ ରାଉତ ଅଧ୍ୟକ୍ଷତା କରି ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଉତ୍କଳଜ୍ୟୋତିର ଡ. ଦେବ ମହାନ୍ତି ମୁଖ୍ୟଅତିଥି ଓ ରିଆଦସ୍ଥିତ ଭାରତୀୟ ଦୂତାବାସର କାଉନ୍‌ସିଲର ଅନିଲ ନୌଡ଼ିଆଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାଉଦି ଆରବସ୍ଥିତ ଦମ୍ମାମ ଓ ଜୁବେଲ ସହରରେ ଥିବା ଅନ୍ୟତମ ଓଡ଼ିଆ ସଂଗଠନ କଳିଙ୍ଗନା ଓ ଉତ୍କଳିକାର ସଦସ୍ୟମାନେ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଥମକରି ଭାରତର ଅନ୍ୟପ୍ରଦେଶ ଯଥା କର୍ନାଟକ ଓ ଆନ୍ଧ୍ରପ୍ରଦେଶର ସ୍ଥାନୀୟ ପ୍ରବାସୀମାନଙ୍କୁ ରୋଜା ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦେଶ ମାଟିରେ ଓଡ଼ିଆ ସଂସ୍କୃତି ଓ ସଦ୍‌ଭାବନାର ପ୍ରସାର ପାଇଁ ରୋଜାର କାର୍ଯ୍ୟକ୍ରମକୁ ଉଭୟ ଅତିଥି ପ୍ରଶଂସା କରିଥିଲେ। ରୋଜାର ଉପଦେଷ୍ଟା ମହମ୍ମଦ ଫଜଲ ହକ୍ ଓ ସମ୍‌ସେର ଅଲ୍ଲୀ ଉତ୍କଳୀୟ ସଂସ୍କୃତି ଉପରେ ଆଲୋକପାତ କରିଥିଲେ।

ରୋଜାର ସମ୍ପାଦକ ସରୋଜ ପାଣିଗ୍ରାହୀ ଅନୁଷ୍ଠାନର ବିକାଶ ବିଷୟରେ ସୂଚନା ଦେଇଥିଲେ। ଯୁବ ସାମାଜିକ କର୍ମୀ ହିମାଂଶୁ ଭୂଷଣ ମଲ୍ଲିକ, ତୁଷାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ରୋଜାର ଦଶମ ବାର୍ଷିକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଉପସଭାପତି ରାଜିବ ଓ୍ୱକିଲ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପ୍ରଦେଶ କଂଗ୍ରେସ କମିଟି ଅଧ୍ୟକ୍ଷ ନିରଞ୍ଜନ ପଟ୍ଟନାୟକ, ରାଜ୍ୟସଭା ଏମ୍‌ପି ରଞ୍ଜୀବ ବିଶ୍ୱାଳ, ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ରୋଜାର ଏତାଦୃଶ ଲୋକାଭିମୁଖୀ କାର୍ଯ୍ୟ ପାଇଁ ସାଧୁବାଦ ଜଣାଇବା ସହ ଉତ୍ସବର ସଫଳତା କାମନା କରି ବାର୍ତ୍ତା ପ୍ରେରଣ କରିଥିଲେ। ଶେଷରେ ସମ୍ବର୍ଦ୍ଧନା, ପୁରସ୍କାର ବିତରଣୀ ଓ ଲକି ଡ୍ର କାର୍ଯ୍ୟକ୍ରମ ହୋଇଥିଲା। ଏଥିସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

ଓଡ଼ିଶାର ମହିଳା, ବାଳିକା ଓ ବାଳକଙ୍କ ଦ୍ୱାରା ସମ୍ବଲପୁରୀ, ଓଡ଼ିଶୀ ଓ ଭାରତନାଟ୍ୟମ୍ ଆଦି ପାରମ୍ପରିକ ନୃତ୍ୟ ପରିବେଷିତ ହୋଇଥିଲା। ରୋଜାର ସାଂସ୍କୃତିକ ସଚିବ ଅଜିମୁଦ୍ଦିନ ଖାନ ଓ ଉପସଚିବ ପ୍ରବୀର ଦାସ, ନୃତ୍ୟ ନିର୍ଦ୍ଦେଶିକା ଦୀପିକା ପାଣିଗ୍ରାହୀ, ଚନ୍ଦନ ଦାସ, ଭାବନା ରାଉତ, ମେହେଭିସ୍ ଅଲମାସ, ବିଲିକିସ ଅଲ୍ଲୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବିବେକ୍, ଭାବନା, ଆଦ୍ୟା, ମନାହିଲ୍, ଅପ୍‌ସାନା, ତସଲିମ୍, ଶ୍ରେୟନ, ଅଫାନ, ସମ୍ମିତ, ତୁଷାର, ବିବେକ, ସିଲା, ମାନସ, ସୀମାଞ୍ଚଳ, ସୁକାନ୍ତ, ହାଡ଼ିବନ୍ଧୁ, ତୁଷାର, ସମ୍ମିତ, ଅନୱାର ପ୍ରମୁଖ ସହଯୋଗ କରିଥିଲେ।

### ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ବ୍ଲକସ୍ତରୀୟ ଜନଶୁଣାଣି ଶିବିର

**ମହାକାଳପଡା, ୬।୧୧ (ଡି.ଏନ.ଏ.)**

ମହାକାଳପଡା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ପରିଡା ଯୋଗଦେଇ ବ୍ଲକ ଅନ୍ତର୍ଗତ ୩୧ ପଞ୍ଚାୟତର ଏମ୍‌ଜିଏନ୍‌ଆର୍‌ଇଜିଏସ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଯୋଜନା ମାଧ୍ୟମରେ ଚାଲିଥିବା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପରିଡା ପଞ୍ଚାୟତ ଗ୍ରାମ ରୋଜଗାର ସେବକଙ୍କ ସହ ଆଲୋଚନା କରିଥିଲେ। ଯୋଜନାରେ କାର୍ଯ୍ୟ କରୁଥିବା ହିତାଧିକାରୀଙ୍କୁ ୯୦ ଦିନ ମଜୁରି ବାବଦରେ ବ୍ୟାଙ୍କ ଆକାଉଣ୍ଟରେ ଅର୍ଥ ପ୍ରଦାନ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଚଳିତ ଆର୍ଥିକବର୍ଷରେ ବ୍ଲକର ଅନେକ ଅଞ୍ଚଳରେ ଏହି ଯୋଜନାରେ ନିର୍ମାଣ କାର୍ଯ୍ୟ ହେବ। ସେଥିପାଇଁ ପରିଡା ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସସ୍ମିତା ବରାଳ, ସହକାରୀ ଯନ୍ତ୍ରୀ ଇଂ. ମୁରଲୀଧର ଦାସ, ଜିଲା ସାମାଜିକ ସମୀକ୍ଷା ଅଧିକାରୀ ମୃତ୍ୟୁଞ୍ଜୟ ବେହେରା, ନଳିନୀକାନ୍ତ ସ୍ୱାଇଁ, ପ୍ରଭାସିନୀ ସାହୁ, ଅନିଲ ଆଚାର୍ଯ୍ୟ ଓ ଜଳଧର ବେହେରା ପ୍ରମୁଖ ଯୋଗଦେଇଥିଲେ।




# ବେଆଇନ ଭାବେ ଚାଲିଛି ବାଣ ବିକ୍ରି

**ତିର୍ତ୍ତୋଲ,୬।୧୧ (ଡି.ଏନ.ଏ.)**

ଅଧିକ ବାୟୁ ଓ ଶବ୍ଦ ପ୍ରଦୂଷଣକାରୀ ବାଣ ବିକ୍ରି ଉପରେ ସରକାର କଟକଣା ଜାରି କରିଛନ୍ତି। ଏଥିସହ ବିଷାକ୍ତ ଓ ବିପଦଜନକ ରାସାୟନିକ ପଦାର୍ଥଠାରୁ ଦୂରେଇ ରହି ନିରାପଦ ଭାବେ ଦୀପାବଳି ପାଳନ କରିବାକୁ ସଚେତନତା ସୃଷ୍ଟି କରାଯାଉଛି। ମାତ୍ର ଏହା ସତ୍ତ୍ୱେ ତିର୍ତ୍ତୋଲ ଥାନା ଅଞ୍ଚଳରେ ବେଆଇନ୍ ଭାବେ ବାଣ ବିକ୍ରି ଚାଲିଛି। ଏହି ଥାନା ଅନ୍ତର୍ଗତ ମଣିଜଙ୍ଗା, ତିର୍ତ୍ତୋଲ, ଜଗନ୍ନାଥପୁର, ରାହାମା, ମୂଳିସିଂ, କନକପୁର ଆଦି ସ୍ଥାନରେ ବହୁ ବାଣ ଦୋକାନ ଖୋଲାଯାଇଛି। ସ୍ଥାନୀୟ ପୋଲିସ ତରଫରୁ ବିପଜ୍ଜନକ ରାସାୟନିକ ବାଣ ବିକ୍ରି ବନ୍ଦ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ସେହିପରି ଅନେକ ବାଣ ବ୍ୟବସାୟୀଙ୍କ ପାଖରେ ଲାଇସେନ୍ସ ଓ ନିରାପତ୍ତା ସାମଗ୍ରୀ ୦ ଆଦି ନାହିଁ। ଏହିସବୁ ଦୋକାନରେ ବିକ୍ରି ହେଉଥିବା ବାଣ ଅଧିକ ପ୍ରଦୂଷଣକାରୀ ଓ ସ୍ୱାସ୍ଥ୍ୟ ପାଇଁ ହାନୀକାରକ ହୋଇଥିବାରୁ ପୋଲିସ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

STEWART SCHOOL, BHUBANESWAR
UNIT- VIII, CRP Square, BHUBANESWAR-751012
(Affiliated to the Council for Indian School Certificate Examination, New Delhi)
Ph. No.- (0674) 2560990, 7809601467
Email: stewartbbsr@gmail.com, Website: www.stewartschoolbbsr.in
ADMISSION OPEN
For Pre-Nursery, Nursery, Preparatory and Std. I to IX for the Academic Session 2019 - 2020
Application Forms may be downloaded from the School website and to be submitted along with a Bank Challan of Rs.500/- at Office of the Principal.
Last Days for submission of Application forms:
For Pre-Nursery, Nursery & Preparatory : 25.11.2018
For Class I to Class V : 27.11.2018
For Class VI to Class IX : 30.11.2018
Sd./- Principal

■ ସୌଭାଗ୍ୟ ଯୋଜନା ଦୁର୍ନୀତି ଘଟଣା

# ଜିଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

**ଡେରାବିଶ, ୬।୧୧ (ସ୍ୱ.ପ୍ର)**

ଡେରାବିଶ ବ୍ଲକ ଅଞ୍ଚଳରେ ସୌଭାଗ୍ୟ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ବେଳେ ଛତା ବିଦ୍ୟୁତ୍ ସେକ୍ସନ୍ ଅଧୀନ କୁସୁନପୁର ଗ୍ରାମବାସୀ ମଙ୍ଗଳବାର ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଗରିବ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହେଉଥିବା ବେଳେ ଠିକାଦାର ଓ ବିଭାଗୀୟ କର୍ତ୍ତୃପକ୍ଷ ଫାର୍ମ ହାଉସ ଓ କୁକୁଡା ଫାର୍ମକୁ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦେଉଛନ୍ତି। ଏହି ଯୋଜନାରେ ସାମିଲ ହେବା ପାଇଁ ବହୁ ହିତାଧିକାରୀ ଆବେଦନ କରିଥିବା ବେଳେ ଅଳ୍ପ କେତେଜଣଙ୍କୁ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦିଆଯାଇଛି। ତେବେ ବାଦ୍ ପଡ଼ିଥିବା ହିତାଧିକାରୀ ଏ ସମ୍ପର୍କରେ ଠିକାସଂସ୍ଥା କର୍ମଚାରୀଙ୍କୁ ପଚାରିବାରେ ସରଞ୍ଜାମ ସରି ଯାଇଥିବାରୁ କନେକ୍ସନ ଦିଆଯାଇ ପାରୁ ନଥିବା କହୁଛନ୍ତି। ମାତ୍ର କୁକୁଡା ଫାର୍ମ ଓ ଫାର୍ମ ହାଉସକୁ କନେକ୍ସନ ଦେବା ପାଇଁ ଖୁଣ୍ଟ ପୋତା ଯାଇ ତାର ଲଗାଯାଉଛି ବୋଲି ଗ୍ରାମବାସୀ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ତେବେ ଘଟଣାର ତଦନ୍ତ କରିବା ସହ ଏଥିରେ ସମ୍ପୃକ୍ତ ଠିକା ସଂସ୍ଥା କର୍ମଚାରୀ ଓ ବିଦ୍ୟୁତ୍ ବିଭାଗ କର୍ମକର୍ତ୍ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମର ଶ୍ରୀଚରଣ ମଲିକ, ଧ୍ରୁବ ଘଡେଇ, ରବୀନ୍ଦ୍ର ସେଠୀ, ହଳଧର ସେଠୀ, ପବିତ୍ର ମଲିକ ଓ ବରେନ୍ଦ୍ର ବେହେରା ପ୍ରମୁଖ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ବିଭାଗୀୟ ନିର୍ବାହୀଯନ୍ତ୍ରୀ ଉକ୍ତ ଗ୍ରାମକୁ ଯାଇ ତଦନ୍ତ କରିବା ସହ ଆସନ୍ତା ୨ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ଜିଲାପାଳ ଦାଶରଥି ଶତପଥୀ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

# ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମ ପ୍ରସ୍ତୁତି

**ବାଲିଆ,୬।୧୧**

ଆସନ୍ତା ୯ ତାରିଖରେ ବିରିଡ଼ି ବ୍ଲକରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ହେବ। ଏହି କାର୍ଯ୍ୟକ୍ରମ ପାଇଁ ୨୨ ମୌଜାର କମଳପୁର ଖେଳ ପଡିଆରେ ଟେଣ୍ଟ ବନ୍ଧାଯାଉଛି। ଏଥିରେ ବିରିଡ଼ି ବ୍ଲକର ୨୧ ପଞ୍ଚାୟତ ପାଇଁ ଭିଡିଓ କନ୍‌ଫରେସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ସିଧାସଳଖ ପ୍ରକଳ୍ପ ଅନୁମୋଦନ କରିବେ। ପ୍ରତି ପଞ୍ଚାୟତକୁ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅନୁଦାନ ଦିଆଯିବ। ଏମିତି ବ୍ଲକରେ ପାଖାପାଖି ୫ କୋଟି ଟଙ୍କାର ପ୍ରକଳ୍ପ ଅନୁମୋଦନ ହେବାର ଅଛି। ଏହି ଅର୍ଥରେ ମୁଖ୍ୟତଃ କମ୍ୟୁନିଟି ସେଣ୍ଟର, କମ୍ୟୁନିକେଶନ ପ୍ରକଳ୍ପ ଓ ବିଭିନ୍ନ ଉନ୍ନୟନ କାର୍ଯ୍ୟ ହେବ। ସମସ୍ତ ଜନପ୍ରତିନିଧି ଓ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକ ସମସ୍ତଙ୍କୁ ନିବେଦନ କରିଛନ୍ତି।

# ତିର୍ତ୍ତୋଲରେ ଧନ୍ୱନ୍ତରି ପୂଜା



ପୂଜା ମଣ୍ଡପ ଧନ୍ୱନ୍ତରିଙ୍କ ମୃଣ୍ମୟ ମୂର୍ତ୍ତି।

**ତିର୍ତ୍ତୋଲ,୬।୧୧(ଡି.ଏନ.ଏ.)**

ଦେବବୈଦ୍ୟ ଧନ୍ୱନ୍ତରିଙ୍କ ପୂଜା ତିର୍ତ୍ତୋଲ ନିକଟସ୍ଥ ନିଶାମଣୀ ସରଣୀ ଛକଠାରେ ମହାସମାରୋହରେ ପାଳିତ ହେଉଛି। ବିନାୟକ ୟୁଥ କ୍ଲବ ସଦସ୍ୟ ଏବଂ ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ପ୍ରତିବର୍ଷ ଏହି ପୂଜା ଆୟୋଜିତ ହୋଇଆସୁଛି। ସୁନ୍ଦର ସାଜସଜା ସହ ଆଲୋକମାଳା ଓ ତୋରଣ ଖୁବ ଆକର୍ଷଣୀୟ ହୋଇଛି । ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ପୂଜା ମଣ୍ଡପ ନିକଟରେ ଭିଡ଼ ଜମାଉଛନ୍ତି। ଏହି ଉପଲକ୍ଷେ ସପ୍ତାହ ବ୍ୟାପୀ ସଙ୍ଗୀତ ସନ୍ଧ୍ୟା, ମେଲୋଡି ଭଳି ମନୋରଞ୍ଜନ କାର୍ଯ୍ୟକ୍ରମ ହେବ। ଏଥିସହ ଗୀତ, ନୃତ୍ୟ ପ୍ରତିଯୋଗିତା ଓ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୭ ନଭେମ୍ବର, ୨୦୧୮



କୁସଂସ୍କାର ଶକ୍ତି ଏତେ ବେଶି ଯେ, ବିଜ୍ଞ ଲୋକ ବି ନିର୍ବୋଧଙ୍କ ପଦାଙ୍କ ଅନୁସରଣ କରିବାକୁ ବାଧ ହୁଅନ୍ତି।
- ଫ୍ରାନ୍‌ସିସ୍ ବାକନ୍



## ସଂକ୍ଷେପରେ

### ଶ୍ରୀଦେବୀଙ୍କ ମୂର୍ତ୍ତି ପ୍ରତିଷ୍ଠା ପ୍ରସଙ୍ଗ ନାରାୟଣ ମୂର୍ତ୍ତି ଗଢ଼ା ହେବା ପରେ ଏକାସଙ୍ଗେ ହେବେ ପ୍ରତିଷ୍ଠା

**ପୁରୀ ଅଫିସ, ୬।୧୧:** ଶ୍ରୀମନ୍ଦିରରେ ପୂଜିତ ହେଉଥିବା ଶ୍ରୀଦେବୀ(ଲକ୍ଷ୍ମୀ)ଙ୍କ ପ୍ରତିମା କ୍ଷୟ ହୋଇଗଲାଣି। ନୂତନ ପ୍ରତିମା ପ୍ରତିଷ୍ଠା ପାଇଁ ମହାଜନ ସେବାୟତ ନିଯୋଗ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଦାବି ହୋଇଆସୁଛି। ନିଯୋଗ ପୁଣି ଏହି ଦାବି ଉଠାଇଥିବା ବେଳେ ଏ ସମ୍ପର୍କରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ମତ ରଖିଛନ୍ତି। ନାରାୟଣଙ୍କ ମୂର୍ତ୍ତି ନିର୍ମାଣ ପରେ ଏକାସଙ୍ଗେ ଲକ୍ଷ୍ମୀ ନାରାୟଣଙ୍କ ମୂର୍ତ୍ତି ପ୍ରତିଷ୍ଠା ହେବ ବୋଲି କହିଛନ୍ତି। ଶ୍ରୀଦେବୀ (ଲକ୍ଷ୍ମୀ) ସୁବର୍ଣ୍ଣ ପ୍ରତିମା କ୍ଷୟ ହୋଇଥିବାରୁ ନୂତନ ମୂର୍ତ୍ତି ପ୍ରତିଷ୍ଠା ନିମନ୍ତେ ଶ୍ରୀମନ୍ଦିର ମହାଜନ ନିଯୋଗ ଦୀର୍ଘବର୍ଷ ହେଲା ଦାବି କରିଆସୁଛି। କିନ୍ତୁ ଅନେକ ସମୟରେ ବିଭିନ୍ନ ଆଳ ଦେଖାଇ ଶ୍ରୀମନ୍ଦିର ପ୍ରଶାସନ ଦୃଷ୍ଟି ଦେଉନାହିଁ। ୨୦୧୫ ମହାପ୍ରଭୁଙ୍କ ନବକଳେବର ସମୟରେ ଏହି ପ୍ରସଙ୍ଗ ଉଠିଥିଲା। ସେତେବେଳେ ଲକ୍ଷ୍ମୀଙ୍କ ମୂର୍ତ୍ତି ପ୍ରତିଷ୍ଠା ଲାଗି ପଦକ୍ଷେପ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ତାହା ନିଷ୍କ୍ରିୟ ହୋଇଯାଇଥିଲା। ଏହି ମୂର୍ତ୍ତି ପ୍ରତିଷ୍ଠାକୁ ପ୍ରଶାସନ ଗୁରୁତ୍ୱ ଦେଉନାହିଁ। ଶାସ୍ତ୍ରବିତ୍ କହୁଛନ୍ତି କ୍ଷୟ ପ୍ରତିମା ପୂଜା ହେବା ଅଶୁଭ ଲକ୍ଷଣ। ଅନ୍ୟପକ୍ଷରେ ଗୁରୁବାର ମାଜଣା ବେଳେ କ୍ଷୟ ପ୍ରତିମା ଯୋଗୁ ମଧ ସମସ୍ୟା ଉପୁଜୁଛି। ୧୯୭୦ ଦଶକରୁ ଲକ୍ଷ୍ମୀଙ୍କ ସୁବର୍ଣ୍ଣ ମୂର୍ତ୍ତି ତିଆରି ହୋଇ ଭଣ୍ଡାର ଘରେ ରହିଛନ୍ତି। ହେଲେ ପ୍ରତିଷ୍ଠା ନ ହେବା ପଛରେ ଭିନ୍ନ ଚର୍ଚ୍ଚା ମଧ ହେଉଛି। ଶ୍ରୀଦେବୀଙ୍କ ବାହାର ବିଜେ ରହିଥିବାରୁ ମୂର୍ତ୍ତି ସୁରକ୍ଷା ନେଇ ଶ୍ରୀମନ୍ଦିର ପ୍ରଶାସନ ଡରୁଥିବା କୁହାଯାଉଛି। ମଙ୍ଗଳବାର ଏ ସମ୍ପର୍କିତ ପ୍ରଶ୍ନରେ ମୁଖ୍ୟ ପ୍ରଶାସକ କହିଥିଲେ ଯେ, ସୁନାର ନୂତନ ଲକ୍ଷ୍ମୀ ପ୍ରତିମା ଗଢ଼ା ହୋଇ ରହିଛନ୍ତି। ନାରାୟଣ ମୂର୍ତ୍ତି ଗଢ଼ାଯିବା ନେଇ ପରିଚାଳନା କମିଟିକୁ ଅବଗତ କରାଯିବ। ଅନୁମତି ମିଳିବା ପରେ ନାରାୟଣଙ୍କ ମୂର୍ତ୍ତି ଗଢ଼ାଯିବ। ନାରାୟଣଙ୍କ ମୂର୍ତ୍ତି ଗଢ଼ାଯିବା ପରେ ଏକାସଙ୍ଗେ ଲକ୍ଷ୍ମୀ ଏବଂ ନାରାୟଣଙ୍କୁ ପ୍ରତିଷ୍ଠା କରାଯିବ। ଅନ୍ୟପକ୍ଷରେ ଚନ୍ଦନ ଯାତ୍ରା ସମୟରେ ମହାଜନ ସେବକମାନେ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ବସାଉଠା କରିବା ଲାଗି ହଇରାଣ ହେଉଛନ୍ତି। ଘର ନ ଥିବାରୁ ସେମାନେ ବିଶ୍ରାମ ନେଇପାରୁ ନାହାନ୍ତି। ଏ ସମ୍ପର୍କରେ ମୁଖ୍ୟ ପ୍ରଶାସକ କହିଛନ୍ତି ଯେ, ମହାଜନ ନିଯୋଗ ପକ୍ଷରୁ ଏ ନେଇ କରାଯାଇଥିବା ଦାବିରେ ଆମେ ରାଜି ଅଛୁ। ଆସନ୍ତା ଚନ୍ଦନ ଯାତ୍ରା ବେଳକୁ ମହାଜନ ସେବକଙ୍କ ଲାଗି ନରେନ୍ଦ୍ର ପୁଷ୍କରିଣୀ ନିକଟରେ ଘର ତିଆରି ହୋଇଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

### ଅଗ୍ନିକାଣ୍ଡରେ ୪ ପରିବାର ସର୍ବସ୍ୱାନ୍ତ: ତୁରନ୍ତ ସହାୟତା ଦାବି



**ଟାଙ୍ଗୀ(ଖୋର୍ଦ୍ଧା),୬।୧୧(ଡି.ଏନ.ଏ.):** ଟାଙ୍ଗୀ ବ୍ଲକ୍ ପାରିଓରେ଼ ପଞ୍ଚାୟତର ଓରଡ଼ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଯାଇଛି। ଏଥିରେ ଗ୍ରାମର ୪ ପରିବାରର ସମସ୍ତ ଆସବାବପତ୍ର ଜଳିଯାଇଥିବାରୁ ସେମାନେ ସର୍ବସ୍ୱାନ୍ତ ହୋଇପଡ଼ିଥିବା ଜଣାପଡ଼ିଛି। ରାତି ପ୍ରାୟ ଗୋଟାଏ ବେଳେ ପରିବାରର ସଦସ୍ୟମାନେ ଶୋଇପଡ଼ିଥିବା ଅବସ୍ଥାରେ ଅଗ୍ନିକାଣ୍ଡ ଘଟିଥିବାରୁ କୌଣସି ସାମଗ୍ରୀ ଉଦ୍ଧାର କରିବାକୁ ସୁଯୋଗ ମିଳି ନ ଥିଲା। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ ମଧ ଘରଗୁଡ଼ିକରେ ନିଆଁ ଲାଗିଯାଇଥିଲା। ତେବେ ନିଆଁ ପ୍ରାୟ ଲିଭି ଆସିଥିବା ବେଳେ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚିଥିବା ସ୍ଥାନୀୟ ଲୋକେ କହିଛନ୍ତି। ରାମ ପଲେଇ, ଲଛମନ ପଲେଇ, ପରିକ୍ଷିତ ପଲେଇ ଓ ଅହଲ୍ୟା ପଲେଇଙ୍କ ଘର ପୋଡ଼ିଯାଇଛି।

### ବାଣ ଦୋକାନ ଉପରେ ପୋଲିସର ଚଢ଼ାଉ

**ବାଲୁଗାଁ,୬।୧୧(ଡି.ଏନ.ଏ.):** ମଙ୍ଗଳବାର ବାଲୁଗାଁ ଏସ୍‌ଡ଼ିପିଓ ସୁବାସ ଚନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ଖୋଲାଯାଇଥିବା ବିଭିନ୍ନ ବାଣ ଦୋକାନ ଉପରେ ଚଢ଼ାଉ କରାଯାଇଛି। ସେଠାରେ ଲାଇସେନ୍ସ ଯାଞ୍ଚ କରିବା ସହ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ପରିବେଶ ପ୍ରଦୂଷଣ ଉପରେ ଅନୁଧ୍ୟାନ କରାଯାଇଥିଲା। ଅନୁରୂପ ଭାବେ ଗ୍ରାମାଞ୍ଚଳରେ ବେଆଇନ ଭାବେ ବାଣ ପ୍ରସ୍ତୁତକାରୀଙ୍କ ଘରେ ଚଢ଼ାଉ କରାଯାଇଥିଲେ ହେଁ କୌଣସି ବାଣ ମିଳି ନ ଥିଲା। ଚଢ଼ାଉରେ ବାଲୁଗାଁ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର, ଏଏସ୍‌ଆଇ ପି. ରେଡ୍ଡୀ ସାମିଲ ହୋଇଥିଲେ।

## ହବିଷିଆଳି ଶିବିରରେ ରୁଷିଆ ଭକ୍ତ
# ପୂଜାପାଠ କଲେ, ଭଜନ ଗାଇ ନାଚିଲେ

**ପୁରୀ ଅଫିସ, ୬।୧୧**



ରୁଷିଆ ମହିଳା ଭକ୍ତ କାର୍ତ୍ତିକ ବ୍ରତର ମାହାତ୍ମ୍ୟ ଶୁଣୁଛନ୍ତି।

■ବୃନ୍ଦାବତୀଙ୍କ ନିକଟରେ ଦୀପ ଜାଳି ଶାନ୍ତିର ବାର୍ତ୍ତା ଦେଲେ

■କଲ୍ୟାଣମଣ୍ଡପରେ ଆଧାତ୍ମିକ ପରିବେଶ

ଶ୍ରୀକ୍ଷେତ୍ରରେ ଚାଲିଛି କାର୍ତ୍ତିକ ବ୍ରତ। ହବିଷିଆଳି ଓ ଭକ୍ତଙ୍କ ପୂଜାପାଠରେ ମନ୍ତ୍ରମୁଗ୍ଧ ପରିବେଶ। ମଙ୍ଗଳବାର ବରିଷ୍ଠ ଆୟୁର୍ବେଦ ଚିକିତ୍ସକ ଡ. ଦେବପ୍ରସାଦ ଦାଶଙ୍କ ନେତୃତ୍ୱରେ ରୁଷର ଇସ୍କନ ଭକ୍ତ ପୌର କଲ୍ୟାଣମଣ୍ଡପ ହବିଷିଆଳି ଆଶ୍ରୟସ୍ଥଳ ପରିଦର୍ଶନ କରିଥିଲେ। ଏମାନଙ୍କ ମଧ୍ୟରେ ମସ୍କୋର ଇଲିନା ଡିକୋଭା, ଲିଦିଆ ମାଥିଭିଆ, ତାତିୟାନା ଏବଂ ୟୁକ୍ରେନର ୟୁଲିଆ ପ୍ରମୁଖ ଥିଲେ। ସେମାନେ ହବିଷିଆଳିଙ୍କ ସହ ଭାବର ଆଦାନ ପ୍ରଦାନ କରିବା ସହ ସେଠାରେ ପ୍ରାୟ ଏକ ଘଣ୍ଟା ବିତାଇଥିଲେ। ହବିଷିଆଳିମାନଙ୍କ ସହ ମିଶି ସନ୍ଧ୍ୟା ଦୀପ, ବୃନ୍ଦାବତୀଙ୍କ ଆଳତି, ଗୀତା ପାଠ କରିଥିଲେ। ରାଧାକୃଷ୍ଣଙ୍କ ଭଜନ ଗାନ କରି ଭକ୍ତିରେ ନାଚିଥିଲେ। କାର୍ତ୍ତିକ ବ୍ରତର ମାହାତ୍ମ୍ୟ ସମ୍ପର୍କରେ ଜାଣିବା ପରେ ହଠାତ୍ ଜଣେ ଭକ୍ତ କ୍ରନ୍ଦନ କରିଥିଲେ। ବୃନ୍ଦାବତୀଙ୍କ ନିକଟରେ ଦୀପ ଜାଳି ପରିବାର ଏବଂ ବିଶ୍ୱର ଶାନ୍ତି କାମନା କରିଥିଲେ। ହବିଷିଆଳିଙ୍କ ସହ ମିଶି ପୂଜାର୍ଚ୍ଚନା କରିବା ସହିତ ଓଁ ନମୋଃ ଭଗବତେ ବାସୁଦେବାୟ ମନ୍ତ୍ର ଉଚ୍ଚାରଣ କରି ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ଏକ ଭାବାବେଗ ପରିବେଶ ମଧ ଶତାଧିକ ହବିଷିଆଳି ସେମାନଙ୍କୁ ବିଦାୟ ଦେଇଥିଲେ।

### ରୁଷିଆରେ ପ୍ରଚାର କରୁଛନ୍ତି ଶ୍ରୀଜଗନ୍ନାଥ ସଂସ୍କୃତି

ମସ୍କୋର ଇଲିନା ଡିକୋଭା ରୁଷିଆର ଜଣେ କୃଷି ବିଶେଷଜ୍ଞ। ୧୯୮୭ ମସିହାରେ ରୁଷ ଭାଷାରେ ପ୍ରକାଶିତ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ସମ୍ପର୍କରେ ସେ ଅଧ୍ୟୟନ କରିଥିଲେ। ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଏବଂ ଭାରତୀୟ ଇତିହାସ ସମ୍ପର୍କରେ ଜାଣିବା ଲାଗି ତାଙ୍କ ମନରେ ଜିଜ୍ଞାସା ବୃଦ୍ଧି ପାଇଥିଲା। ସେ ଚାକିରି ସ୍ୱେଚ୍ଛାକୃତ ଭାବେ ତ୍ୟାଗ କରି ଓଡ଼ିଶା ଚାଲି ଆସିଥିଲେ। ପୁରୀରେ ସେ ୧୦ବର୍ଷ କାଳ ରହି ଶ୍ରୀମନ୍ଦିରର ପୂଜା, ରୀତିନୀତି, ମଠ ମନ୍ଦିର, ଏହାର ଐତିହାସିକ ସ୍ଥାନ ସମ୍ପର୍କରେ ଅଧ୍ୟୟନ କରିଛନ୍ତି। ସହରର ବହୁ ଗବେଷକ, ଐତିହାସିକମାନଙ୍କ ସଂସ୍ପର୍ଶରେ ଆସିଛନ୍ତି। ଶ୍ରୀମନ୍ଦିର, କୋଣାର୍କ ସୂର୍ଯ୍ୟମନ୍ଦିର, ଅଲାରନାଥ ଏବଂ ଭୁବନେଶ୍ୱର, କଟକର ଐତିହ୍ୟ ସମ୍ପର୍କରେ ଜ୍ଞାନ ଆହରଣ କରିଛନ୍ତି। ପୁରୀ ଛାଡ଼ିବା ପୂର୍ବରୁ ସେ ନୀଳାଚଳର ନୀଳବୃତ୍ତ ଏବଂ କୋଣାର୍କ ସମ୍ପର୍କରେ ଦୁଇଟି ପୁସ୍ତକ ରଚନା କରି ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଅର୍ପଣ ମଧ କରିଛନ୍ତି। ସେ ରୁଷ ଫେରିବା ପରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାରରେ ଲାଗିଛନ୍ତି। ସେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରିବା ସହ ବହୁ ପୁସ୍ତକ ମଧ ରଚନା କରିଛନ୍ତି। ଇସ୍କନ ଦୀକ୍ଷା ଗ୍ରହଣ କରିବା ପରେ ଘରକୁ ଘର ବୁଲି ମହାପ୍ରଭୁଙ୍କ ସଂସ୍କୃତି ପ୍ରଚାର କରୁଛନ୍ତି। ବର୍ତ୍ତମାନ ତାଙ୍କ ସହ ବହୁ ମହିଳା ଜଡ଼ିତ ହୋଇଛନ୍ତି। ପ୍ରତ୍ୟେକ ଦିନ ମସ୍କୋ, ବାର୍ସିଲୋନା, ୟୁକ୍ରେନ୍‌ରେ ପୂଜାପାଠ, ଗୀତାପାଠ, ଶ୍ରୀଜଗନ୍ନାଥଙ୍କ ପୂଜା ଆଦି ଚାଲିଥିବା ସେ କହିଛନ୍ତି।

### ଭାରତୀୟ ସଂସ୍କୃତି ମହାନ

ତାତିୟାନା କୁହନ୍ତି, ପୂର୍ବରୁ ଭାରତୀୟ ସଂସ୍କୃତି ସମ୍ପର୍କରେ କେବଳ ପୁସ୍ତକରେ ଅଧ୍ୟୟନ କରିଥିଲି। ପ୍ରଥମ ଥର ଲାଗି ଶ୍ରୀକ୍ଷେତ୍ରକୁ ଆସିଛି। ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ମହାପ୍ରଭୁଙ୍କୁ ଅନୁଭବ କରୁଛି। ସୁଯୋଗ ମିଳିଲେ ଆସନ୍ତା ରଥଯାତ୍ରାରେ ଏଠାକୁ ଆସିବି। ରଥରେ ମହାପ୍ରଭୁଙ୍କୁ ଦର୍ଶନ ଲାଗି ଆଗ୍ରହ ରହିଛି। ଶ୍ରୀଜଗନ୍ନାଥ ଓ ଭାରତୀୟ ସଂସ୍କୃତି ମହାନ୍।

### ମହାପ୍ରଭୁ ଏଠାକୁ ଟାଣି ଆଣିଲେ

ୟୁଲିଆ କୁହନ୍ତି, ରୁଷିଆରେ ଏପରି ସଂସ୍କୃତି ନାହିଁ। କୌଣସି ଏକ ଉତ୍ସବରେ ଶତାଧିକ ସଂଖ୍ୟକ ଭକ୍ତଙ୍କ ଗହଳି, ପୁଣି ମିଳିମିଶି ସଂସ୍କୃତିକୁ ଉପଭୋଗ କରିବା ମାହୋଲ ନାହିଁ। ଏଠାକାର ପରିବେଶ, ସଂସ୍କୃତି, ପରମ୍ପରା ଅନନ୍ୟ। ମହାପ୍ରଭୁଙ୍କ ସମ୍ପର୍କରେ ଅଧ୍ୟୟନ ପରେ ଏଠାକୁ ଆସିବା ଲାଗି ଜିଜ୍ଞାସା ଭାବ ବୃଦ୍ଧି ପାଇଥିଲା। ତାଙ୍କ କରୁଣାରୁ ଏଠାକୁ ଆସିବା ଲାଗି ସୁଯୋଗ ମିଳିଲା ବୋଲି ସେ କହିଛନ୍ତି।

## ଆୟୁର୍ବେଦ ପ୍ରବର୍ତ୍ତକ ଧନ୍ୱନ୍ତରିଙ୍କ ଜୟନ୍ତୀ



**ବାଲୁଗାଁ,୬।୧୧(ଡି.ଏନ.ଏ.):** ବିଶ୍ୱ ଆୟୁର୍ବେଦ ଦିବସ ଅବସରରେ ବାଲୁଗାଁସ୍ଥିତ ମହାବୀର ହୋମିଓ ଭଣ୍ଡାର ହନୁମାନ ବଜାରଠାରେ ମଙ୍ଗଳବାର ଧନ୍ୱନ୍ତରିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ଏହି ସମାରୋହରେ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ ମୁଖ୍ୟଅତିଥି, ଡ. ଚନ୍ଦ୍ରଶେଖର ଦାଶ ପ୍ରାଧ୍ୟାପକ ଜନତା ମହାବିଦ୍ୟାଳୟ କୁହୁଡ଼ି ମୁଖ୍ୟବକ୍ତା, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଗଙ୍ଗାଧର ପ୍ରଧାନ, ପ୍ରବଚକ ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ, ବିକ୍ରମ କେଶରୀ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭଗବାନ ଧନ୍ୱନ୍ତରିଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ପ୍ରଶାନ୍ତ କୁମାର ଦାଶ ଏଥିରେ ପୌରୋହିତ୍ୟ କରିଥିଲେ। ସେହିପରି ବାଲୁଗାଁସ୍ଥିତ ଭାରତୀୟ ଭେଷଜ ଓ ହୋମିଓପ୍ୟାଥିକ୍ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଶ୍ରୀ ପୁରୁଷୋତ୍ତମ ଆୟୁର୍ବେଦିକ ଚିକିତ୍ସା ମନ୍ଦିରରେ ବିଶ୍ୱ ଆୟୁର୍ବେଦ ଦିବସରେ ଧନ୍ୱନ୍ତରି A ଉତ୍ସବ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଚିକିତ୍ସକ ଡ. ତ୍ରୈଲୋକ୍ୟ ନାଥ ମହାରଣା, ଗବେଷକ ମଦନ ମୋହନ ମହାପାତ୍ର, ଡ. ଟୁନୀ ମହାରଣା, ଡ. ସୁବ୍ରତ ମହାରଣା, ଡ. ସସ୍ମିତା ସାମନ୍ତରା, ରମେଶ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ ।

## ଭିନ୍ନକ୍ଷମ ସହାୟତା ଶିବିର
# ଭିନ୍ନକ୍ଷମଙ୍କୁ ଭତ୍ତା, ଉପକରଣ ବଣ୍ଟନ



ଭିନ୍ନକ୍ଷମଙ୍କୁ ସହାୟତା ପ୍ରଦାନ କରୁଛନ୍ତି ରାଜସ୍ୱ ମନ୍ତ୍ରୀ।

**ପୁରୀ ଅଫିସ,୬।୧୧**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ପୁରୀ ଜିଲା ପ୍ରଶାସନ ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମ ପରିସରରେ ଭିନ୍ନକ୍ଷମ ସହାୟତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ସଦର ବ୍ଲକ ଏବଂ ପୁରୀ ପୌରସଂସ୍ଥା ଅଧୀନ ଅଞ୍ଚଳର ଭିନ୍ନକ୍ଷମମାନଙ୍କୁ ସହାୟତା ଓ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଶିବିରରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଏବଂ ଏସ୍‌ପି ଡା. ସାର୍ଥକ କୁମାର ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଦର ବ୍ଲକର ୫୩୭ ଜଣଙ୍କୁ ଭତ୍ତା ଓ ଉପକରଣ ବଣ୍ଟନ କରାଯାଇଥିବା ବେଳେ ୨୫୦ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେହିପରି ପୌରସଂସ୍ଥା ଅଧୀନ ଅଞ୍ଚଳର ୪୩୯ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଥିଲା।

ସଦର ବ୍ଲକର ୮୫ ଜଣଙ୍କୁ ତିନିଚକିଆ ସାଇକେଲ, ୨୫ ଜଣଙ୍କୁ ହ୍ୱିଲଚେୟାର, ୨୦୦ ଜଣଙ୍କୁ ଭତ୍ତା, ୨୫୦ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର, ୨୦ ଜଣଙ୍କୁ ଆଶାବାଡ଼ି, ୧୫ ଜଣଙ୍କୁ ଧଳାବାଡ଼ି ଏବଂ ୩୦ ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା। ପୌରସଂସ୍ଥା ଅଧୀନ ଅଞ୍ଚଳର ୯୪ ଜଣଙ୍କୁ ତିନିଚକିଆ ସାଇକେଲ, ୬୩ ଜଣଙ୍କୁ ହ୍ୱିଲଚେୟାର, ୪୬ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା, ୩୨ ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଛି।

ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି, ପୌରସଂସ୍ଥା ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରାଇ, ଉପଜିଲାପାଳ ଭବତାରଣ ସାହୁ, ପୁରୀ ସଦର ବିଡିଓ ଅଶୋକ ମହାନ୍ତି, ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟମଞ୍ଜରୀ ଦାସ, ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଶ୍ୟାମପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରଙ୍କୁ ଧରି ପୋଲିସ ଜିମା ଦେଲେ ଲୋକେ

**ଖୋର୍ଦ୍ଧା ଅଫିସ,୬।୧୧**

ଖୋର୍ଦ୍ଧା ଟାଉନ ଥାନା ଗୁରୁଜଙ୍ଗ ବାସିନ୍ଦା ଚୋରକୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ସୋମବାର ରାତିରେ ଗୁରୁଜଙ୍ଗ ଦେୱାନ ସାହି ଓ ହାଉସିଂ ବୋର୍ଡ କଲୋନୀର କେତେଗୋଟି କ୍ୟାବିନରୁ ଚୋରି ହୋଇଥିଲା। ହାଉସିଂ ବୋର୍ଡ କଲୋନୀର ଦୋକାନରୁ ଚୋରି ବେଳେ ସ୍ଥାନୀୟ ଲୋକ ଚୋରକୁ ମାରପିଟ କରିବା ସହ କାବୁ କରି ନେଇଥିଲେ। ଧୃତ ଚୋର ସ୍ଥାନୀୟ ଗୁରୁଜଙ୍ଗ ଭୋଇସାହିର ସୁଦୀପ୍ତ ନାୟକ ଓରଫ ସିପୁ(୨୬)। ପରେ ଲୋକ ଚୋରି ହୋଇଥିବା ଦୋକାନ ଉପକରଣ ଉଦ୍ଧାର କରି ସିପୁଙ୍କୁ ପୋଲିସ ଜିମା ଦେଇଥିଲେ। ପୋଲିସ ପକ୍ଷରୁ ଦଫା ୩୭୯, ୪୬୧ରେ ନଂ. ୪୨୭/୧୮ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଚୋରକୁ ଜେଲ ଯିବାକୁ ପଡ଼ିଛି।

### ଶ୍ରମିକଙ୍କ ମୃତଦେହ ଉଦ୍ଧାର

**ଖୋର୍ଦ୍ଧା ଅଫିସ,୬।୧୧:** ଖୋର୍ଦ୍ଧା ସଦର ଥାନା ପୋଲିସ ନିଆଁମୁହଁ ଗାଁ ପୋଖରୀରୁ ଜଣେ ଶ୍ରମିକଙ୍କ ମୃତଦେହକୁ ମଙ୍ଗଳବାର ଉଦ୍ଧାର କରିଛି। ମୃତକଙ୍କୁ ନିଆଁମୁହଁ ଗାଁ ଲୋକ ରଘୁ ବୋଲି ଡାକୁଥିଲେ। ତାଙ୍କର ପ୍ରକୃତ ଠିକଣା କ'ଣ ଜଣାପଡ଼ିନି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରଛି। ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ତେବେ ରଘୁଙ୍କ ଆଖି ଓ କାନରୁ ରକ୍ତ ବାହାରୁଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ନେଇ ସନ୍ଦେହ କରାଯାଉଛି।

## ପୂଜାପଣ୍ଡା ନିଯୋଗ ପକ୍ଷରୁ ମୁଖ୍ୟ ପ୍ରଶାସକଙ୍କୁ ସ୍ମାରକପତ୍ର



ପ୍ରଶାସନକୁ ସ୍ମାରକପତ୍ର ଦେଇ ଫେରୁଛନ୍ତି ପୂଜା ପଣ୍ଡା ସେବକମାନେ।

**ପୁରୀ ଅଫିସ,୬।୧୧**

ଶ୍ରୀମନ୍ଦିରର ପୂଜାପଣ୍ଡା ସେବକମାନେ ମଙ୍ଗଳବାର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କୁ ସାକ୍ଷାତ୍ କରି ବକେୟା ପାଉଣା ପ୍ରଦାନ କରିବାକୁ ଜଣାଇଛନ୍ତି। ପୂଜାପଣ୍ଡା ନିଯୋଗ ପକ୍ଷରୁ ଦିଆଯାଇଥିବା ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ, ୨୦୧୬ ଜାନୁୟାରୀ ୨୧ ତାରିଖ ପତ୍ରସଂଖ୍ୟା ୮୬୦ କାର୍ଯ୍ୟାଳୟ ଆଦେଶ ମତେ ଜଗମୋହନ ମରାମତି କାମ ନିମିତ୍ତ ସେହିବର୍ଷ ଜାନୁୟାରୀ ୨୭ରୁ ଗର୍ଭଗୃହ ଓ ଭିତରକାଠ ଦର୍ଶନ ସ୍ଥଗିତ ରଖାଯାଇଥିଲା। ପରିମାଣିକ ଏବଂ ଗର୍ଭଗୃହ ପରିମାଣିକ ଦର୍ଶନରୁ ପିଣ୍ଡିକା ପ୍ରାପ୍ୟ ବାବଦକୁ କ୍ଷତିପୂରଣ ଦିଆଯିବାକୁ ସ୍ଥିର ହୋଇଥିଲା। ୨୦୧୬ ଫେବୃୟାରୀ ୨୦ ମଞ୍ଜୁର ଆଦେଶ ନମ୍ବର ୨୧୧୧ କ୍ରମେ ପୂଜାପଣ୍ଡା ସେବକଙ୍କୁ କ୍ଷତିପୂରଣ ବାବଦକୁ ନିର୍ଦ୍ଦିଷ୍ଟ ଅର୍ଥରାଶି ଅନ୍ୟାଦେଶ ପର୍ଯ୍ୟନ୍ତ ପ୍ରଦାନ କରାଯିବାକୁ ସ୍ଥିର ହୋଇ ୨୦୧୬ ମେ ୫ ପରିଚାଳନା କମିଟିରେ ଅନୁମୋଦନ ଲାଭ କରିଥିଲା। କିନ୍ତୁ ଗତ ୩ ମାସ ହେବ କ୍ଷତିପୂରଣ ବାବଦ ଅର୍ଥରାଶି ମିଳିନାହିଁ। ତେଣୁ ଜୀବିକା ନିର୍ବାହରେ ଅସୁବିଧାର ସମ୍ମୁଖୀନ ହେଉଛୁ। ଏକ ସପ୍ତାହ ମଧ୍ୟରେ ବକେୟା ପ୍ରାପ୍ୟ ପ୍ରଦାନ କରିବା ଲାଗି ଆଦେଶ ଦେବାକୁ ପୂଜାପଣ୍ଡା ନିଯୋଗ ପକ୍ଷରୁ ମୁଖ୍ୟ ପ୍ରଶାସକଙ୍କୁ ସ୍ମାରକପତ୍ର ମାଧ୍ୟମରେ ଅବଗତ କରାଯାଇଛି।

## ପୁରାତନ ପେନ୍‌ସନ ନିମନ୍ତେ କେନ୍ଦ୍ର ସରକାରଙ୍କୁ ଦାବିପତ୍ର

**ଦଶପଲ୍ଲା, ୬।୧୧(ଡି.ଏନ.ଏ.)**

ନୂତନ ପେନ୍‌ସନ ଯୋଜନା ଭୁକ୍ତ ସମସ୍ତ ବିଭାଗର କର୍ମଚାରୀମାନଙ୍କୁ ପୁରାତନ ପେନ୍‌ସନ ଯୋଜନାରେ ସାମିଲ କରିବା ପାଇଁ କେନ୍ଦ୍ର ସରକାର ଙ୍କ ଉଦ୍ଦେଶ୍ୟରେ କନ୍ଧମାଳ ଏମପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କୁ ଏନ୍‌ପିଏସ୍ ସଂଘ ତରଫରୁ ଏକ ଦାବିପତ୍ର ନୟାଗଡସ୍ଥିତ ବାସ ଭବନରେ ପ୍ରଦାନ କରାଯାଇଛି। ଦେଶର ହାରାହାରି ୫୫ଲକ୍ଷରୁ ଉର୍ଦ୍ଧ୍ୱ କେନ୍ଦ୍ର ଓ ରାଜ୍ୟର ସରକାରୀ କର୍ମଚାରୀ ଏହି ପେନସନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଏମାନଙ୍କ ଠାରୁ ମୂଳ ଦରମା ଓ ମହଙ୍ଗା ଭତ୍ତାର ୧୦ ପ୍ରତିଶତ ଆଦାୟ ହେଉଥିବା ଅର୍ଥ ବିଭିନ୍ନ ସଂସ୍ଥା ମାନଙ୍କରେ ପୁଞ୍ଜି ବିନିଯୋଗ କରାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ନୂତନ ପେନସନ ଯୋଜନା ମାଧ୍ୟମରେ ଜଣେ କର୍ମଚାରୀ ଦୀର୍ଘ ୩୦ ବର୍ଷ ଚାକିରି କରି ଅବସର ଗ୍ରହଣ ପରେ ମାସିକ ୧ହଜାରରୁ ୧ହଜାର ୨ଶହ ଟଙ୍କା ପର୍ଯ୍ୟନ୍ତ ପେନସନ ପାଇବାର ବ୍ୟବସ୍ଥା ଥିବା ଜଣାଯାଇଛି। ନୂତନ ପେନସନ ଯୋଜନା କେବଳ ସେୟାର ମାର୍କେଟର ଅଭିବୃଦ୍ଧି କରିବା ଓ ସରକାରୀ କର୍ମଚାରୀ କ୍ଷତି ସହିବା ହିଁ ସାର ବୋଲି ଏନ୍ ପି ଏସ ସଂଘ ତରଫରୁ ଅଭିଯୋଗ କରାଯାଇଛି। ସଂଘ ତରଫରୁ ଦିଲୀପ କୁମାର ନାୟକ, ମନୋରଞ୍ଜନ ବେହେରା, ମନୋଜ କୁମାର ଓଝା ଓ ସୁଧାଂଶୁ ଶେଖର ପଣ୍ଡା ପ୍ରମୁଖ ଏମପିଙ୍କୁ ଏହି ଦାବିପତ୍ର ପ୍ରଦାନ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଏ ବିଷୟରେ ଅବଗତ କରାଇବା ସହ ଦାବିପତ୍ର ପ୍ରଦାନ କରିବେ ବୋଲି ଏମପି କର୍ମକର୍ତ୍ତାମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ସେମାନେ ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ପରେ ଦଶପଲ୍ଲା ଶିକ୍ଷକ ଭବନ ଠାରେ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିବା କର୍ମକର୍ତ୍ତା ମାନେ ପ୍ରକାଶ କରିଛନ୍ତି।

## ଓଡ଼ଗାଁ ଏନ୍‌ଏସିର ପ୍ରମୁଖ ସ୍ଥାନରେ ଅଳିଆଗଦା

**ଓଡ଼ଗାଁ, ୬।୧୧(ସ୍ୱ.ପ୍ର.)**

ନୟାଗଡ ଜିଲା ଓଡଗାଁ ଓ ଦଳକ ପଞ୍ଚାୟତକୁ ମିଶାଇ ବିଜ୍ଞାପିତ ଅଞ୍ଚଳ ଘୋଷଣା କରାଯିବା ପରେ ସ୍ଥାନୀୟ ସଦର ସହିତ ଆଖପାଖ କେତେକ ଗ୍ରାମରେ ଏକରକମ ବିକାଶର ଚିତ୍ର ପରିକଳ୍ପନା କରାଯାଇଛି । ଏପରିସ୍ଥଳେ ପ୍ରାଥମିକ ସ୍ତରରେ ବିଜ୍ଞାପିତ ଅଞ୍ଚଳକୁ କେନ୍ଦ୍ରୀୟ ଯୋଜନା ଅନୁସାରେ ଏଲଇଡି ଲାଇଟ ଦ୍ୱାରା ଆଲୋକିତ କରାଯାଇଛି । ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ନିୟୋଜିତ ସଫେଇ କର୍ମଚାରୀଙ୍କ ଦ୍ୱାରା ସଫେଇ ଅଭିଯାନ ଆରମ୍ଭ ହେବା ସହିତ ସେମାନେ ଘରୁଘରୁ ହୁଇସିଲ ମାରି ଅଳିଆ ସଂଗ୍ରହ କରୁଥିବାର ଦେଖାଯାଇଛି । ଏସବୁର ଦେଖାରଖା ଦାୟିତ୍ୱରେ ଭୁବନେଶ୍ୱରସ୍ଥିତ ଏକ ଆଉଟ ସୋର୍ସିଂ ସଂସ୍ଥା ନେଇଥିବା ବେଳେ ସ୍ଥାନୀୟ ଲୋକଙ୍କୁ ଏଥିରେ ନିଯୁକ୍ତି ଦିଆଯାଇଛି । ହେଲେ କେତେକାଂଶରେ ସହର ସଫା ସୁତୁରା କରିବାକୁ ସେମାନେ ଉଦ୍ୟମ କରୁଥିବା ବେଳେ ଆଉ କେତେକାଂଶରେ



ରାଧାକାନ୍ତ ବାଳିକା ହାଇସ୍କୁଲ ପାଚେରି ପାଖରେ ଅଳିଆ ଗଦା।

ପରିଚାଳନାଗତ ତ୍ରୁଟିରୁ କେତେକ ସମସ୍ୟା ଲୋକଲୋଚନକୁ ଆସିଛି । ସଂସ୍ଥା ଦ୍ୱାରା ନିୟୋଜିତ ସଫେଇ କର୍ମଚାରୀମାନେ ଘର ଘର ବୁଲି କିମ୍ବା ସାହିମଧ୍ୟରୁ ଛୋଟ ଟ୍ରଲିରେ ସଂଗ୍ରହ କରୁଥିବା ଅଳିଆକୁ ସହରର କେତେକ ପ୍ରମୁଖ ସ୍ଥାନରେ ଜମା କରୁଥିବା ବେଳେ ପରବର୍ତ୍ତୀ ସମୟରେ ଟ୍ରାକ୍ଟର ଦ୍ୱାରା ଗଦାମରାଯାଇଥିବା ଅଳିଆ ଉଠାଇବାରେ ଅହେତୁକ ବିଳମ୍ବ ହେଉଛି। ଏପରିକି ସର୍ବସାଧାରଣଙ୍କ ବ୍ୟାପକ ଚଳପ୍ରଚଳ ହେଉଥିବା ହେମାମାଳି ଠାକୁରାଣୀ ମନ୍ଦିର ସାମ୍ନା, ଗାୟତ୍ରୀ ବିଦ୍ୟାମନ୍ଦିର ସାମନା ତଥା ବ୍ଲକ ସହକାରୀ ଯନ୍ତ୍ରୀ ଘର ପଛ ପାଖ, ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ପାଚେରି ସଂଲଗ୍ନ ଡ୍ରେନ ଉପର, ପୋଷ୍ଟ ଅଫିସ ସାମ୍ନା, ଶ୍ରୀରଘୁନାଥ ମନ୍ଦିର ବାଳକଟା ମଣ୍ଡପ ନିକଟରେ କୁଢକୁଢ ଆଳିଆ ପଡିରହୁଛି । ଫଳରେ ଏସବୁ ସ୍ଥାନକୁ ଆସୁଥିବା ଶ୍ରଦ୍ଧାଳୁ, ଛାତ୍ରୀଛାତ୍ର ତଥା ଏହି ରାସ୍ତା ଦେଇ ଯିବା ଆସିବା କରୁଥିବା ଲୋକମାନେ ଭୁକୁଞ୍ଚନ କରୁଥିବା ବେଳେ ପ୍ରଶାସନର ପାରିଲା ପଣିଆକୁ ନେଇ ସମାଲୋଚନା କରୁଛନ୍ତି । ଦୀପାବଳି ପୂର୍ବରୁ ଦରମା ନ ମିଳିବାରୁ ସଫେଇ କର୍ମଚାରୀମାନେ କାର୍ଯ୍ୟବନ୍ଦ କରିଥିଲେ। ହେଲେ ଏନଏସି ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ଉଦ୍ୟମରୁ ସଂପୃକ୍ତ ସଂସ୍ଥା ଦରମା ଆଡଭାନ୍ସ ଦେବାରୁ ସେମାନେ ସ୍ୱାଭାବିକଭାବେ କାର୍ଯ୍ୟକରିବେ ବୋଲି ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି । ଅନ୍ୟପକ୍ଷେ ଏନଏସି ତରଫରୁ ସହର ସାରା ସ୍ୱଚ୍ଛତା ଓ ଆମ ଉନ୍ନତି ଆମ ବିକାଶର ବାର୍ତ୍ତା ବହନ କରୁଥିବା ମାଳ ମାଳ ହୋର୍ଡିଂ ଲାଗିଥିବା ବେଳେ ସଫେଇ ସଂସ୍ଥା ଅଳିଆ ଉଠାଇବାରେ ବିଳମ୍ବ କରୁଥିବାରୁ କେତେକ ସର୍ବ ସାଧାରଣ ସ୍ଥାନରେ ଥିବା ଅଳିଆ ଗଦାରେ ଲୋକେ ନିଆଁ ଲଗାଉଥିବାରୁ ପରିବେଶ ପ୍ରଦୂଷିତ ହେଉଥିବା ଅଭିଯୋଗ ହେଉଛି । ଏନେଇ ଏନ୍‌ଏସିର ପ୍ରଶାସନିକ ଦାୟିତ୍ୱରେ ଥିବା ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁଙ୍କୁ ପଚାରିବାରୁ ସେ ଏନେଇ ଆବଶ୍ୟକ ପଦକ୍ଷେପ ନେବାକୁ କହିଥିଲେ ।



କ୍ରୋଧରୁ ମୋହ ଜନ୍ମେ, ମୋହରୁ ସ୍ମରଣ ଶକ୍ତି ନଷ୍ଟ ହୁଏ, ସ୍ମରଣ ଶକ୍ତି ନଷ୍ଟ ହେଲେ, ବିଚାର ଶକ୍ତି ନଷ୍ଟ ହୁଏ ଏବଂ ବିଚାର ଶକ୍ତି ନଷ୍ଟରୁ ମନୁଷ୍ୟ ମୃତ୍ୟୁ ମୁଖରେ ପତିତ ହୁଏ।
- ଭଗବତ୍ ଗୀତା



## ସଂକ୍ଷେପରେ

### ଡେଙ୍ଗୁରେ ଜଣଙ୍କ ମୃତ୍ୟୁ

**ଖଣ୍ଡପଡା,୬।୧୧(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ଗୁଣ୍ଡୁଣୀ ପଞ୍ଚାୟତରେ ଡେଙ୍ଗୁ ଆତଙ୍କ ଦେଖାଦେଇଛି। କିଛିଦିନ ତଳେ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଗୁଣ୍ଡୁଣୀ ଗ୍ରାମ ତୋଟାସାହିର ବୁଧିଆ ସାହୁଙ୍କର ସୋମବାର ମୃତ୍ୟୁ ଘଟିଛି। ତାଙ୍କୁ ଚିକିତ୍ସା ନିମନ୍ତେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ସୂତ୍ରରୁ ଜଣାପଡିଛି। ଏବେ ବି ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଜ୍ୱରରେ ପୀଡିତ ଥିବାରୁ ସେମାନେ ଡେଙ୍ଗୁ ଆଶଙ୍କା କରି ଭୟଭୀତ ହୋଇପଡିଛନ୍ତି। ଜିଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

### ଡିସେମ୍ବର ୧ରୁ ନୟାଗଡ଼ ଫୁଟବଲ ଟୁର୍ଣ୍ଣାମେଣ୍ଟ



**ନୟାଗଡ଼ ଅଫିସ,୬।୧୧:** ନୟାଗଡ଼ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଡିସେମ୍ବର ୧ରୁ ଆରମ୍ଭ ହେବ। ଏହା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ସ୍ଥାନୀୟ ରୋଟାରୀ ଭବନ ପରିସରରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସିନ୍ଦୁରିଆ- ୭୮୬ କ୍ଲବ ଏବଂ ଜିଲା ଆଥଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ କିପରି ଚିତ୍ତାକର୍ଷକ କରାଯିବ ସେ ନେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ସାମାଜିକକର୍ମୀ ପ୍ରମୋଦ ପଟ୍ଟନାୟକଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

### ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



**ଦଶପଲ୍ଲା,୬।୧୧(ଡି.ଏନ.ଏ.):** ଦଶପଲ୍ଲା ପଞ୍ଚାୟତ ସମିତି ସଭାଗୃହ ମଧ୍ୟରେ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ୨୦ ପଞ୍ଚାୟତର ୧୮୦ ଜଣ ହିତାଧିକାରୀଙ୍କୁ ଏହି ଭତ୍ତା ପ୍ରଦାନ କରାଯାଇଛି। ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଉପାଧ୍ୟକ୍ଷ ବସନ୍ତ କୁମାର ସାହୁ, ଜିଲା ପରିଷଦ ଉପାଧ୍ୟକ୍ଷ ଅଖିଳ କୁମାର ଜାନୀ ପ୍ରମୁଖ ଉପସ୍ଥିତ ରହି ଏହି ଭତ୍ତା ପ୍ରଦାନ କରିଛନ୍ତି। ଆଦିବାସୀ ଅଧ୍ୟୁଷିତ ନୂଆଗାଁ, ଚଢେୟାପଲ୍ଲୀ, ଘୁଗୁଡିପଡା, କୁଜାମେଣ୍ଡି ପ୍ରଭୃତି ଉପାନ୍ତ ଅଞ୍ଚଳରୁ ଆସିଥିବା ହିତାଧିକାରୀ ମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ନିଜ ନିଜ ପଞ୍ଚାୟତରେ ଭତ୍ତା ପ୍ରଦାନ କରାଯାଇଥିଲେ ହିତାଧିକାରୀ ମାନେ ଉପକୃତ ହୋଇ ପାରିଥାନ୍ତେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି

**ନୟାଗଡ଼ ଅଫିସ,୬।୧୧**

ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଙ୍ଗଳବାର ଛାତ୍ର ଅଶାନ୍ତି ଦେଖିବାକୁ ମିଳିଥିଲା। ଯୁକ୍ତ ୨ ଛାତ୍ରମାନଙ୍କୁ ଆନ୍ତଃ କ୍ରୀଡ଼ାରେ ଭାଗ ନେବା ପାଇଁ କଲେଜ ତରଫରୁ ଅନୁମତି ନ ମିଳିବାରୁ ଛାତ୍ର ଅଶାନ୍ତି ସୃଷ୍ଟି ହୋଇଥିଲା। ଛାତ୍ରୀଛାତ୍ରମାନେ ପୂର୍ବାହ୍ନ ୧୧ଟାରୁ ୧ଟା ପର୍ଯ୍ୟନ୍ତ କଲେଜ ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ।

ଛାତ୍ର ସଂସଦ ସଭାପତି ରାଜେଶ କୁମାର ପରିଡ଼ାଙ୍କ ଅଭିଯୋଗ ଅନୁସାରେ ଯୁକ୍ତ ୨ ଛାତ୍ରମାନେ ଆନ୍ତଃ କ୍ରିକେଟ୍‌ରେ ଭାଗ ନେବା ପାଇଁ ଚାହିଁଥିଲେ। ହେଲେ କଲେଜ ଅଧ୍ୟକ୍ଷା ସେମାନଙ୍କୁ ଅନୁମତି ଦେଇ ନ ଥିଲେ। ଏ ନେଇ ବାରମ୍ବାର ଅନୁରୋଧ କରିବା ପରେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଫଳରେ ବାଧ୍ୟହୋଇ ମଙ୍ଗଳବାର ଛାତ୍ରମାନେ ଏହିଭଳି ପନ୍ଥା ଆପଣାଇଥିଲେ।

ମିଳିଥିବା ସୂଚନା ଅନୁସାରେ ଆନ୍ତଃ କଲେଜ କ୍ରୀଡ଼ାରେ କ୍ରିକେଟ ଖେଳରେ ଭାଗ ନେବା ପାଇଁ ଯୁକ୍ତ ୨ ଛାତ୍ରଙ୍କ ଏକ ଟିମ୍ ବାହାରିଥିଲା। ହେଲେ କଲେଜ ଅଧ୍ୟକ୍ଷା ଛାତ୍ରମାନଙ୍କୁ ଟେଷ୍ଟ ପରୀକ୍ଷା ଥିବାରୁ ଅନୁମତି ଦେଉ ନ ଥିଲେ। ଅପରାହ୍ନ ୧ଟାରେ ଛାତ୍ରମାନେ କଲେଜ ଅଧ୍ୟକ୍ଷାଙ୍କ ସହିତ ଯାଇ ଆଲୋଚନା କରିବା ପରେ ଛାତ୍ରମାନେ କ୍ରୀଡ଼ାରେ ଭାଗ ନେଇପାରିବେ ବୋଲି ପ୍ରତିଶ୍ରୁତି ମିଳିବାରୁ ଫାଟକରୁ ତାଲା ଖୋଲା ଯାଇଥିଲା। ଏ ନେଇ କଲେଜ ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ପରିଡ଼ାଙ୍କୁ ପଚାରିବାରୁ ସେ କୁହନ୍ତି ଟେଷ୍ଟ ପରୀକ୍ଷା ଯୋଗୁଁ ଏଥିନେଇ ଅନୁମତି ଦେଇ ନ ଥିଲେ, ସେହିଭଳି କେବେ ଖେଳ ହେବ ସେ ନେଇ ମଧ୍ୟ କୌଣସି ସୂଚନା ନ ଥିବା ଅଧ୍ୟକ୍ଷା ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦିତ୍ୟ ନାରାୟଣ ସାହୁ, ସୁଜିତ କୁମାର ନାୟକ, ଚନ୍ଦନ ବାଗ, ସେକ୍ ଆଜାଦ୍ ଓ ବିଶ୍ୱଜିତ୍ ପ୍ରଧାନ ପ୍ରମୁଖ ଏହି ତାଲା ପକାଇବା ଆନ୍ଦୋଳନରେ ସାମିଲ ହୋଇଥିଲେ। ମଙ୍ଗଳବାର ଯୁକ୍ତ୨ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଚାଲୁଥିବା ବେଳେ ଏଭଳି ଅଶାନ୍ତି ଦ୍ୱାରା ସେମାନଙ୍କ ପରୀକ୍ଷା ମଧ୍ୟାହ୍ନ ୧୨ଟାରେ ସରି ଯାଇଥିଲେ ମଧ୍ୟ ଅପରାହ୍ନ ୧ ଘଣ୍ଟା ଯାଏଁ କ୍ୟାମ୍ପସରେ ରହି ତାଲା ଖୋଲା ହେବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ।

**ଫାଟକରେ ୨ ଘଣ୍ଟା ପକାଇଲେ ତାଲା**



କଲେଜ ଫାଟକରେ ଛାତ୍ରମାନେ ତାଲା ପକାଇଛନ୍ତି।

■ ପ୍ରାଥମିକ ବିଦ୍ୟାଳୟ ମିଶ୍ରଣ ପ୍ରକ୍ରିୟାକୁ ବିରୋଧ

# ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ

**ଖଣ୍ଡପଡା,୬।୧୧(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ବାଣପୁର ପଞ୍ଚାୟତ ଚୈତନ୍ୟପୁର ପ୍ରାଥମିକ ବିଦ୍ୟାଳୟ ମିଶ୍ରଣ ପ୍ରକ୍ରିୟାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହା କାର୍ଯ୍ୟକାରୀ ହେଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ରାଜ୍ୟ ସରକାର ନୂତନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଥିପାଇଁ କଡାକଡି ନିୟମକାନୁନ ମଧ୍ୟ ପ୍ରଣୟନ କରିଛନ୍ତି। ସରକାରଙ୍କ ନୂତନ ନିର୍ଦ୍ଦେଶାନୁଯାୟୀ ବିଦ୍ୟାଳୟର ମିଶ୍ରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କ୍ରମରେ ଚୈତନପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟଟି ଅନ୍ୟ ଏକ ବିଦ୍ୟାଳୟରେ ମିଶ୍ରଣକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପ୍ରକ୍ରିୟାକୁ ଗ୍ରାମବାସୀ ତୀବ୍ର ବିରୋଧ କରି ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀ, ନୟାଗଡ଼ ଜିଲାପାଳ ଓ ବିଧାୟକଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ସୂଚନାଯୋଗ୍ୟ ଚୈତନପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ୫ଟି ଶ୍ରେଣୀରେ ଦୀର୍ଘ ୨୦ବର୍ଷ ଧରି ପିଲାମାନେ ପାଠ ପଢିଆସୁଛନ୍ତି। ଏହି ବିଦ୍ୟାଳୟଟି ବଡବାଣପୁର ୟୁଜିଏମଇ ବିଦ୍ୟାଳୟରେ ମିଶ୍ରଣ ହେବାକୁ ଯାଉଥିବା ନେଇ ପ୍ରଶାସନ ସୂତ୍ରରୁ ଜଣାପଡିବା ପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରାଥମିକ ବିଦ୍ୟାଳୟଠାରୁ ବାଣପୁର ୟୁଜିଏମଇ ବିଦ୍ୟାଳୟ ୨କିମି ଦୂରରେ ଅବସ୍ଥିତ। ପୁଣି ୟୁଜିଏମଇ ସ୍କୁଲଟି ରାଜ୍ୟ ରାଜପଥ କଡରେ ରହିଛି। ଛୋଟ ଛୋଟ ପିଲାମାନେ ଉକ୍ତ ରାସ୍ତାଦେଇ ବିଦ୍ୟାଳୟକୁ ଯିବାଆସିବା କରିବା ସମୟରେ ସମସ୍ୟାର ସମ୍ମୁଖୀନ ହେବେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହି ଦୃଷ୍ଟିରୁ ପ୍ରାଥମିକ ବିଦ୍ୟାଳୟଟିକୁ ଅନ୍ୟ ବିଦ୍ୟାଳୟରେ ମିଶ୍ରଣ କରା ନ ଯାଇ ପୂର୍ବପରି ଚାଲୁ ରଖିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲାପାଳ ଏଥିପତି ଦୃଷ୍ଟି ଦେବାକୁ ସେମାନେ ନିବେଦନ କରିଛନ୍ତି। ନଚେତ ଏହାକୁ ନେଇ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ମା' ଶ୍ୟାମାକାଳୀ ପୂଜୋତ୍ସବ

**ଖଣ୍ଡପଡା,୬।୧୧(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକର କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳରେ ମଙ୍ଗଳବାର ମା'ଶ୍ୟାମାକାଳୀଙ୍କ ପୂଜା ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି। କଣ୍ଟିଲୋ ମେଡିକାଲ ନିକଟ କାଳୀ ମନ୍ଦିରରେ ପାରମ୍ପରିକ ରୀତିରେ ରାତ୍ର ସାଢେ ୯ଟା ସମୟରେ ଚଣ୍ଡୀପାଠ, ହୋମଯଜ୍ଞ ସହ ମା' କାଳୀଙ୍କ ଉଦ୍ଦେଶ୍ୟରେ ଏକ ହଜାର ଆଠ ଆହୁତି ପ୍ରଦାନ ଓ ମା'ଙ୍କ ଗୁପ୍ତନୀତି ପୂଜା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଶ୍ରୀକାନ୍ତ ମିଶ୍ର ଓ ମନ୍ଦିର ପୂଜକ ରାସେଶ୍ୱର ମିଶ୍ର ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଏହି କାଳୀ ମନ୍ଦିରର ଗଠନ ଶୈଳୀ ଭିନ୍ନ ଧରଣର। କଣ୍ଟିଲୋ ମେଡିକାଲରେ ଡାକ୍ତର ଥିବା ପ୍ରଣବ ମହାପାତ୍ର ଦୀର୍ଘ ୧୪ବର୍ଷ କାଳ ରହଣି ମଧ୍ୟରେ ୨୦୦୨ ମସିହାରେ ଏଠାରେ ଶିବ ଲିଙ୍ଗାକୃତି ମନ୍ଦିର ପ୍ରତିଷ୍ଠା କରିଥିଲେ। ମନ୍ଦିର ଭିତରେ ପୂଜା ପାଆନ୍ତି ମା' ଦକ୍ଷିଣକାଳୀ। ସେହିପରି କଣ୍ଟିଲୋ ନୀଳମାଧବ ମନ୍ଦିରରେ ଥିବା ମା' ବେଢ଼ା କାଳୀଙ୍କର ପୂଜା ମଧ୍ୟ ରାତ୍ରରେ ଅନୁଷ୍ଠିତ ହୋଇଯାଇଛି। କିମ୍ବଦନ୍ତୀ କୁହେ ମହିଷାସୁର ବଧ ନିମନ୍ତେ ଦେବୀଙ୍କ ତାଣ୍ଡବ ନୃତ୍ୟରେ ଜୀବଜଗତ ଭୟଭୀତ ହୋଇ ଶିବଙ୍କୁ ପ୍ରାର୍ଥନା କରିଥିଲେ । ଦେବୀଙ୍କୁ ଶାନ୍ତ କରିବାର ଅନ୍ୟ ଉପାୟ ନ ପାଇ ଶିବ ତାଙ୍କ ସମ୍ମୁଖରେ ଶୋଇପଡି ରାସ୍ତା ଅବରୋଧ କରିଥିଲେ । ଉଦଣ୍ଡ ନୃତ୍ୟ କରି ଦେବୀ ଅଗ୍ରସର ହେବା ସମୟରେ ଦେବୀଙ୍କର ଗୋଟିଏ ପାଦ ଶିବଙ୍କ ଛାତି ଉପରେ ପଡିବାରୁ ସେ ଚମକି ପଡିଥିଲେ। ଦେବୀ ରକ୍ତରଞ୍ଜିତ ଜିହ୍ୱା କାମୁଡିଦେଇ ସେଠାରେ ଅଟକିଯାଇଥିଲେ। ଉପସ୍ଥିତ ଦେବଗଣ ଦେବୀଙ୍କୁ ସେହି ଅବସ୍ଥାରେ କାଳୀ ରୂପେ ଆରାଧନା କରିଥିଲେ । କାର୍ତ୍ତିକ କୃଷ୍ଣପକ୍ଷ ଅମାବାସ୍ୟା ତିଥିରେ ପାଳିତ କାଳୀପୂଜା ଦେଖିବା ନିମନ୍ତେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ମେଡିକାଲ ନିକଟ କାଳୀ ମନ୍ଦିରରେ ସମାଗମ ହୋଇଥିଲେ।

**ଗଣିଆ,(ଡି.ଏନ୍.ଏ.):** ଗଣିଆ ବ୍ଲକର ବିଭିନ୍ନ ସ୍ଥାନରେ ମଙ୍ଗଳବାର ମା' ଶ୍ୟାମାକାଳୀଙ୍କ ପୂଜୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଗଣିଆ ଚଉବଙ୍ଗ ତୋଟାଠାରେ ପୂଜା କମିଟି ଓ ଲକ୍ଷ୍ମୀବଜାର ବଣିକ ସଂଘ ଏବଂ ଛାମୁଣ୍ଡିଆ ବଜାରରେ ମା' ଶ୍ୟାମାକାଳୀ ଅଟୋ ଆସୋସିଏଶନ ତରଫରୁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା କରାଯାଉଛି। ଉଭୟ ପୂଜା କମିଟି ତରଫରୁ ସକାଳୁ ଘଟ ସ୍ଥାପନ ପରେ ସୁସଜ୍ଜିତ ପୂଜାମଣ୍ଡପରେ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ପୂଜାମଣ୍ଡପରେ ମା'ଙ୍କୁ ଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବୁଧବାର ଆଲୋକର ଦୀପାବଳି ପର୍ବ ଅମାବାସ୍ୟା ପାଇଁ ବିଭିନ୍ନ ଦୋକାନରେ କ୍ୟାଣ୍ଡେଲ, ଦୀପ, ତେଲ ଓ ରଙ୍ଗବେରଙ୍ଗ ବିଦ୍ୟୁତ୍ ଲିଟୁମାଳ କିଣିବା ପାଇଁ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ସେହିପରି ପିତୃପୁରୁଷଙ୍କୁ ବଡବଡୁଆ ଡାକିବା ପାଇଁ କାଉଁରିଆ କାଠି ଓ ଫଳ କିଣିବା ଲାଗି ଦୋକାନରେ ଭିଡ଼ ଲାଗିଥିଲା।



କଣ୍ଟିଲୋସ୍ଥ ଲିଙ୍ଗାକୃତି ମନ୍ଦିରରେ ମା'ଙ୍କ ପୂଜା।



ଛାମୁଣ୍ଡିଆ ପୂଜାମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।

# ବ୍ୟବସାୟୀଙ୍କୁ ହତ୍ୟା ଅଭିଯୋଗ

**ଜଗନ୍ନାଥପ୍ରସାଦ,୬।୧୧**

ଜଗନ୍ନାଥପ୍ରସାଦ ଥାନା କୁମ୍ଭାପଡ଼ା ପଞ୍ଚାୟତ ଲୁଣିଢ଼େପ କାଜୁ ଜଙ୍ଗଲରୁ ସ୍ଥାନୀୟ ପୋଲିସ ମଙ୍ଗଳବାର ଜଣେ ଯୁବ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ନୟାଗଡ଼ ଜିଲା ଇଟାମାଟି ଥାନା ଚମ୍ପେଇତପୁର ଗ୍ରାମର ବାଳକୃଷ୍ଣ ସାହୁ (୨୯)। ମୁଣ୍ଡରେ ଗଭୀର କ୍ଷତ ଥିବାରୁ କେହି ତାଙ୍କୁ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ. ୧୭୪/୧୮ରେ ମାମଲା ରୁଜୁ କରି ମୃତଦହେ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲକୁ ପଠାଇଛି।

ପ୍ରକାଶ ଯେ, ଲୁଣିଢ଼େପ ଗ୍ରାମରେ ରହି ବାଳକୃଷ୍ଣ କବାଡ଼ିଆ ବ୍ୟବସାୟ କରୁଥିଲେ। ସୋମବାର ୩୦ ହଜାର ଟଙ୍କା ଧରି ମଧ୍ୟାହ୍ନରେ ଏକ ଲୁନା ( ନଂ. ଓଡି୨୫-୧୮୪୩) ଯୋଗେ ଲୁଣିଢ଼େପ ଗ୍ରାମରୁ ବାହାରିଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ମୋବାଇଲ ଫୋନ୍‌ରେ ଯୋଗାଯୋଗ କରିବାରୁ ସୁଇଚ୍‌ଅଫ୍ ଥିବା ଜଣାପଡିଥିଲା। ମଙ୍ଗଳବାର ସକାଳେ କୁମ୍ଭାପଡ଼ା ଲୁଣିଘାଟିରୁ ବାଘୁଆକୁ ଯୋଗାଯୋଗ କରୁଥିବା ସଟକଟ୍ ରୋଡରେ କିଛି ଯାତ୍ରୀ ଲୁନାଗାଡ଼ି ସହ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଦେଖି ଥାନାକୁ ଖବର ଦେଇଥିଲେ। ଥାନାଧିକାରୀ ଅନିରୁଦ୍ଧ ମୁଦୁଲି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ମୃତକଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ବ୍ୟବଚ୍ଛେଦ ପରେ ଘଟଣାର ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି

# ପ୍ରତିଭା ଅନ୍ୱେଷଣର ପ୍ରମୁଖ ମାଧ୍ୟମ

**ନୟାଗଡ଼ ଅଫିସ, ୬।୧୧**

ଜିଲା ସର୍ବଶିକ୍ଷା ଅଭିଯାନ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡା. ଏନ୍. ତିରୁମାଲା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମହୋତ୍ସବରେ ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସୁରଭି କାର୍ଯ୍ୟକ୍ରମ ପ୍ରତିଭା ଅନ୍ୱେଷଣର ପ୍ରମୁଖ ମାଧ୍ୟମ ବୋଲି ପ୍ରକାଶ କରିଥିଲେ। ଅଭିଭାବକମାନେ ଖାଲି ପାଠରେ ନୁହେଁ ବିଭିନ୍ନ କ୍ଷେତ୍ରରେ ଛାତ୍ରୀଛାତ୍ରମାନଙ୍କୁ ପ୍ରୋତ୍ସାହିତ କରିବାକୁ ସେ କହିଥିଲେ। ସେହିଭଳି ବିଧାୟକ ସାହୁ ମୋ ସ୍କୁଲ ଯାଜନାର ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିଲେ। ଜିଲାପାଳ ନାୟକ ମୋ ସ୍କୁଲ ଅଭିଯାନରେ ଜିଲାରେ ୫୨ ଲକ୍ଷ ଟଙ୍କା ସଂଗ୍ରହ କରାଯାଇଥିବା ସୂଚନା ଦେଇଥିଲେ। ସେହିଭଳି ଜିଲାକୁ ମେଧାବୃତ୍ତି ଯୋଜନା ଭଳି ବିଭିନ୍ନ ଯୋଜନାରେ ୧୦୧୯ଟି ପୁରସ୍କାର ମିଳିଥିବା ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଣପୁର ବିଧାୟକ ରବିନାରାୟଣ ମହାପାତ୍ର, ଜିଲା ଶିକ୍ଷା ଅଧିକାରୀ ଡ. ଅଭୟ କୁମାର ମଲ୍ଲିକ, ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପବନ୍ଧୁ ଦାଶ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଜିଲା ସ୍ତରକୁ ଆସି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ୧୮ଟି ବିଭାଗରୁ ୨୨ ଜଣ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ବୋଲି ସୂଚନା ମିଳିଛି।




ଜିଲାପାଳ ନାୟକ ନିଜର ବକ୍ତବ୍ୟ ରଖୁଛନ୍ତି।

# ଦଶପଲ୍ଲାର ପ୍ରସିଦ୍ଧ ରାମଲୀଳା ଅଯୋଧ୍ୟାରେ ଉଚ୍ଚ ପ୍ରଶଂସିତ

**ଦଶପଲ୍ଲା,୬।୧୧(ଡି.ଏନ.ଏ.)**

ଦଶପଲ୍ଲାର ପ୍ରସିଦ୍ଧ ରାମଲୀଳା ଉତ୍ତରପ୍ରଦେଶର ଅଯୋଧ୍ୟା ଚିତ୍ରକୂଟ ଠାରେ ଆୟୋଜିତ ରାମାୟଣ ମେଳାରେ ପରିବେଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଦୀପାବଳି ଅବସରରେ ଉତ୍ତରପ୍ରଦେଶ ସରକାରଙ୍କ ସଂସ୍କୃତି ବିଭାଗ ଓ ଅଯୋଧ୍ୟା ସୌଦ୍ଧ ସଂସ୍ଥାନର ମିଳିତ ଉଦ୍ୟମରେ ଭାରତର ବିଭିନ୍ନ ରାଜ୍ୟରେ ଥିବା ରାମଲୀଳା ମଣ୍ଡଳୀ ଗୁଡ଼ିକୁ ଗୋଟିଏ ମଞ୍ଚରେ ଭିନ୍ନଭିନ୍ନ ପ୍ରସଙ୍ଗ ଅଭିନୟ କରିବା ନିମନ୍ତେ ଆମନ୍ତ୍ରଣ କରାଯାଇଥିଲା। ଚଳିତ ମାସ ୪ ତାରିଖ ଠାରୁ ୩ଦିନ ବ୍ୟାପୀ ରାମାୟଣ ଉତ୍ସବ ଆୟୋଜନ କରାଯାଇଛି। ଚିତ୍ରକୂଟ ଧାମର ଜଗତ୍‌ଗୁରୁ ରାମଭଦ୍ରାଚାର୍ଯ୍ୟ ଭିନ୍ନକ୍ଷମ ବିଶ୍ୱବିଦ୍ୟାଳୟ ପରିସରରେ ଏହି ଆଧ୍ୟାତ୍ମିକ ନୃତ୍ୟ ସଂଗୀତ ପ୍ରଦର୍ଶନ କରାଯାଇଛି। ଏଥିରେ ଦେଶର ୬ ଗୋଟି ବଛାବଛା ରାମଲୀଳା ମଣ୍ଡଳୀଙ୍କୁ ଆମନ୍ତ୍ରଣ କରାଯାଇଥିଲା। ତନ୍ମଧ୍ୟରୁ ଓଡ଼ିଶାର ସୁନାମ ଅର୍ଜନ କରିଥିବା ନୟାଗଡ଼ ଜିଲା ଦଶପଲ୍ଲା(ମହାବୀରକ୍ଷେତ୍ର)ର ଶ୍ରୀ ରଘୁନାଥ ଜୀଉ ଲୀଳା ପ୍ରଚାର ସମିତିଙ୍କୁ ନିମନ୍ତ୍ରଣ କରାଯାଇଛି। ସଂଯୋଜକ ନିର୍ମଳ ଦାଶଙ୍କ ନେତୃତ୍ୱରେ ୨୮ଜଣ କଳାକାର ଚିତ୍ରକୂଟ ଯାଇଛନ୍ତି। ମଙ୍ଗଳବାର ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ଗୁରୁ ଲକ୍ଷ୍ମୀଧର ଦାଶଙ୍କ ରଚିତ ରାମାୟଣର ଲଙ୍କାଦହନ'ପ୍ରସଙ୍ଗଟି ପ୍ରଦର୍ଶନ କରି ଉପସ୍ଥିତ ହଜାର ହଜାର ଦର୍ଶକ,ସାଧୁସନ୍ଥ,ପର୍ଯ୍ୟଟକ ଏବଂ ଗବେଷକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇପାରିଛି। ଏତଦ୍‌ବ୍ୟତୀତ ଅନ୍ୟ ରାଜ୍ୟର ଖ୍ୟାତି ଅର୍ଜନ କରିଥିବା ରାମଲୀଳା ମଣ୍ଡଳୀ ମଧ୍ୟରେ ମଧ୍ୟପ୍ରଦେଶ ସତନାର ଆଦର୍ଶ ଶ୍ରୀ ବିଶ୍ୱେଶ୍ୱର ରାମଲୀଳା ମଣ୍ଡଳୀ, ଦିଲ୍ଲୀର ସଂସ୍କୃତି କଳା ସଙ୍ଗମ ଅନୁଷ୍ଠାନ,ଭୋପାଳର ରଙ୍ଗଶ୍ରୀ ଲିଟିଲ୍ ବାଲ ଗ୍ରୁପ୍, କାଶିର ଶ୍ରୀ ମୌନିବାବା ରାମଲୀଳା କମିଟି, କର୍ଣ୍ଣାଟକର ଏସ୍.ଏନ୍ ଯୋଶୀ ସଂସ୍ଥାନ ଭାଗନେଇଥିଲେ। ଓଡ଼ିଶା ଦଳର ନିର୍ଦ୍ଦେଶକ ନବକିଶୋର ଦାଶଙ୍କ ତତ୍ତ୍ୱାବଧାନରେ ଏହି ଦଳ ଗ୍ରସ୍ତ କରିଥିଲେ। ସୂଚନାଯୋଗ୍ୟଯେ ଦଶପଲ୍ଲାର ଭାରତ ପ୍ରସିଦ୍ଧ ଲଙ୍କାପୋଡ଼ିଯାତ୍ରା ବହୁ ପ୍ରାଚୀନ। ୧୮୦୨ ମସିହାଠାରୁ ଦଶପଲ୍ଲାରେ ଲଙ୍କାପୋଡ଼ି ଯାତ୍ରା ହୋଇ ଆସୁଛି।



ରାମଲୀଳା ନାଟକ ପରିବେଷିତ।

# କଂଗ୍ରେସର ଶକ୍ତି ସାଙ୍ଗଠନିକ କାର୍ଯ୍ୟକ୍ରମ ଆରମ୍ଭ

**ନୟାଗଡ଼ ଅଫିସ,୬।୧୧**

ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ରୋଟାରୀ ଭବନଠାରେ ମୋ ବୁଥ୍ ମୋ ଗୌରବ ଏବଂ ଶକ୍ତି ସାଙ୍ଗଠନିକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଜିଲା ସଭାପତି ରଣଜିତ୍ ଦାଶଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମେରା ବୁଥ୍ ମେରା ଗୌରବର ରାଜ୍ୟ ସଂଯୋଜକ ବିସ୍ମୟ ମହାପାତ୍ର, ସହ ସଂଯୋଜକ ୱାଲିଦ ପଟେଲ ଯୋଗଦେଇ ଉକ୍ତ ଦୁଇଟି କାର୍ଯ୍ୟକ୍ରମର ଲକ୍ଷ୍ୟ ବିଷୟରେ ସୂଚନା ଦେଇଥିଲେ। ଜନସାଧାରଣ କିପରି କଂଗ୍ରେସ ପ୍ରତି ଆକୃଷ୍ଟ ହେବେ ସେହି ଲକ୍ଷ୍ୟରେ କରାଯାଇଛି ଶକ୍ତି କାର୍ଯ୍ୟକ୍ରମ। କଂଗ୍ରେସର ବିଚାରଧାରା ମାଧ୍ୟମରେ ଯୋଡ଼ିହେବାକୁ ଶକ୍ତିର ପ୍ରୟାସ ବୋଲି କହିଛନ୍ତି। ପ୍ରତ୍ୟେକ କଂଗ୍ରେସ କର୍ମୀଙ୍କ ପ୍ରକୃତ ପରିଚୟ ହେଉଛି ଶକ୍ତି, ତେଣୁ ସମସ୍ତେ ଶକ୍ତି ମାଧ୍ୟମରେ ଯୋଡ଼ିହେବାକୁ କହିଥିଲେ। ଅନ୍ୟପକ୍ଷେ ମେରା ବୁଥ୍ ମେରା କାର୍ଯ୍ୟକ୍ରମ ଜରିଆରେ କଂଗ୍ରେସକର୍ମୀଙ୍କୁ ସୁଦୃଢ଼ କରାଯିବ। ଜୋନ୍ ସଭାପତିମାନେ ଗୁରୁଦାୟିତ୍ୱ ନେଇ ଜନସାଧାରଣଙ୍କୁ ବିଜେଡି ଓ ଭାଜପାର ବିଭିନ୍ନ ଦୁର୍ନୀତି ବିଷୟରେ ଜଣାଇବେ। ରାଫାଲ ଦୁର୍ନୀତିଠାରୁ ଆରମ୍ଭ କରି ଅନ୍ୟାନ୍ୟ ଦୁର୍ନୀତି ବିଷୟରେ ସାଧାରଣ ଲୋକ ଜାଣିପାରୁନାହାନ୍ତି। ତେଣୁ କିପରି ଭାବେ ଏହା ସାଧାରଣ ଲୋକେ ଜାଣିପାରିବେ ସେ ନେଇ ପଦକ୍ଷେପ ନିଆଯାଇଛି। ଜୋନ୍ ସଭାପତିମାନେ ଘର ଘର ବୁଲି ଶକ୍ତି ମାଧ୍ୟମରେ ଲୋକଙ୍କୁ କଂଗ୍ରେସ ସହିତ ଯୋଡ଼ିବେ। କଂଗ୍ରେସର ବିଚାରଧାରା ଓ ଶାସନ ଅମଳରେ ହୋଇଥିବା ବିଭିନ୍ନ କାର୍ଯ୍ୟକଳାପ ବିଷୟରେ ଲୋକଙ୍କୁ ଅବଗତ କରାଇବେ। ସେହିଭଳି ଯେଉଁ ଜୋନ୍ ସଭାପତିମାନେ ଅଧିକ କର୍ମୀ କରିବେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା କାର୍ଯ୍ୟକାରୀ ସଭାପତି ହୁସେନ ଖାଁ, ମନୋଜ କୁମାର ସାହୁ, କମଳ ଚରଣ ସାହୁ, ମହିଳା କଂଗ୍ରେସ ସଭାପତି ଉମାରାଣୀ ପାଣି, କଂଗ୍ରେସ ସେବା ଦଳ ସଙ୍ଗଠକ ଧୀରେନ୍ଦ୍ର ଦାଶ, କଂଗ୍ରେସ ସଂଖ୍ୟା ଲଘୁ ସେଲ୍ ସଭାପତି ଅମଜାଦ୍ ଖାନ୍, କଂଗ୍ରେସ ସୋସିଆଲ୍ ମିଡ଼ିଆ ଜିଲା ସଂଯୋଜକ ଅମୀର ବାଇଗ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଯୋଗ ଦେଇଥିବା କଂଗ୍ରେସ କର୍ମୀମାନେ ଶକ୍ତି ମାଧ୍ୟମରେ ଏଆଇସିସି ସହିତ ଯୋଡ଼ି ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ୨୪ଟି ଜୋନ୍‌ର ଜିଲା ସଭାପତି, ଛାତ୍ର, ଯୁବ ଓ ମହିଳା ଦଳର ସଦସ୍ୟ ଏବଂ କଂଗ୍ରେସ କର୍ମୀମାନେ ଯୋଗ ଦେଇଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା କଂଗ୍ରେସ ନେତାମାନେ।

■'ମୋ ବୁଥ୍ ମୋ ଗୌରବ' କାର୍ଯ୍ୟକ୍ରମରେ ଲୋକଙ୍କୁ ସାମିଲ କରାଯିବ
■ଜୋନ୍ ସଭାପତି ନେବେ ଗୁରୁଦାୟିତ୍ୱ
■ଦୁର୍ନୀତି ବିଷୟରେ କରାଯିବ ଅବଗତ

## ସଂକ୍ଷେପରେ

### ବାଇକ୍‌କୁ ଧକ୍କା ଦେଲା ବସ୍, ମହିଳା ମୃତ

**ଛତ୍ରପୁର,୬।୧୧(ଡି.ଏନ.ଏ) :** ଚମାଖଣ୍ଡି ଥାନା ପାରଳା କଲେଜ ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ବାଇକ୍‌କୁ ଘରୋଇ କଲେଜ ବସ ଧକ୍କା ଦେବାରୁ ବାଇକ ପଛରେ ବସିଥିବା ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଛତ୍ରପୁର ଥାନା ଦନେଇବ୍ରହ୍ମପୁର ଗାଁର ନିରଞ୍ଜନ ଦାସଙ୍କ ସ୍ତ୍ରୀ କୁନି । ନିରଞ୍ଜନ ଓ କୁନି ଏକ ନମ୍ବର ବିହୀନ ବାଇକରେ ବ୍ରହ୍ମପୁର ଯାଉଥିଲେ। ପାରଳା କଲେଜ ନିକଟରେ ବାଇକକୁ ଏକ ଘରୋଇ କଲେଜ ବସ (ଓଆର୦୭ଏସ୍ ୭୭୭୫) ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ କୁନିଙ୍କ ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଚମାଖଣ୍ଡି ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଥିଲା ।

### ଜାମିନ ପରେ ଜେଲ୍‌ରୁ ମୁକୁଳିଲେ ପୂର୍ବତନ ବିଧାୟକ ଦେବେନ୍ଦ୍ର



**ଫୁଲବାଣୀ ଅଫିସ, ୬।୧୧:** ଏକ ମାରପିଟ ମାମଲାରେ ଛନ୍ଦି ହୋଇ ଫୁଲବାଣୀ ଉପ କାରାଗାରରେ ଥିବା ଫୁଲବାଣୀର ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର ଜାମିନ ପାଇ ମଙ୍ଗଳବାର ଜେଲରୁ ମୁକୁଳିଛନ୍ତି। ଦେବେନ୍ଦ୍ରଙ୍କ ସମ୍ପର୍କୀୟ ଏବଂ ସମର୍ଥକମାନେ ଜେଲ ନିକଟରୁ ଘର ପର୍ଯ୍ୟନ୍ତ ତାଙ୍କୁ ନେଇ ଯାଇଥିଲେ । ସେପ୍ଟେମ୍ବର ୨ ତାରିଖରେ ସଦର ଥାନା ଅନ୍ତର୍ଗତ ଗଡ଼ପଡା ଗ୍ରାମର ଜଣେ ମହିଳାଙ୍କ ଘରେ ପଶି ଦେବେନ୍ଦ୍ର ତାଙ୍କୁ ମାଡ ମାରିଥିବା ଥାନାରେ ଅଭିଯୋଗ ହୋଇଥିଲା । ଏହାପରେ ସେ ଫେରାର ଥିଲେ । ଗତ ମାସ ୮ ତାରିଖରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାର ଶୁଣାଣି କରି ଫୁଲବାଣୀ ଭିଜିଲାନ୍ସ ଜଜ୍ ତଥା ସ୍ୱତନ୍ତ୍ର ଜଜ୍ ବିରଞ୍ଚି ନାରାୟଣ ମିଶ୍ର ସୋମବାର ଦେବେନ୍ଦ୍ରଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ । ପ୍ରତି ୧୫ ଦିନରେ ଥରେ ତଦନ୍ତକାରୀ ଅଧିକାରୀଙ୍କୁ ସାକ୍ଷାତ କରିବା ପାଇଁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି।

### ମନ୍ଦିରରେ ପଲିଥିନକୁ ନା

ପାଣ୍ଡ୍ରିପାଣି,୬।୧୧- ଆଦିବାସୀ ଅଧ୍ୟୁଷିତ ପାଣ୍ଡ୍ରିପାଣି ଅଞ୍ଚଳରେ ପଲିଥିନକୁ ଲୋକେ ନା କରିଛନ୍ତି। ମାଲକାନଗିରି ସଦର ବ୍ଲକ ଅର୍ନ୍ତଗତ ବୀରଲକ୍ଷ୍ମଣପୁର ପଞ୍ଚାୟତର ଗୁଡୁମପଦର ମୌଜା ରେ ଥିବା ଶ୍ରୀ କୁଣ୍ଡଳେଶ୍ୱର ମହାଦେବ ମନ୍ଦିରରେ ପଲିଥିନ ବ୍ରବହାର ନ କରିବା ଲାଗି ସଚେତନତା ସୃଷ୍ଟି କରାଯାଇଛି। ବୀରଲକ୍ଷ୍ମଣପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅରୁଣ କୁମାର ଗିରି, ଫାର୍ମାସିଷ୍ଟ ଶର୍ମିଳା ମାଲୁ, କର୍ମଚାରୀ ବାବାଜୀ ଚରଣ ନାୟକ, ଦହନା ଝୋଲା, ସାମାଜିକ କର୍ମୀ ସନ୍ତୋଷ କୁମାର ପାତ୍ରଙ୍କ ସହ ଅନ୍ୟ କେତେକ ବ୍ୟକ୍ତି ମନ୍ଦିରକୁ ଆସିଥିବା ଶ୍ରଦ୍ଧାଳୁମାନେ ପଲିଥିନରେ ଆଣିଥିବା ଭୋଗ ଭିତରକୁ ନ ନେବା ପାଇଁ ବୁଝାଇଥିଲେ। ସେମାନଙ୍କୁ କାଗଜ ତିଆରି ମୁଣା ଦେଇଥିଲେ।

### ସୁମରବନ୍ଧରେ ସଚେତନତା ସଭା

**ଫିରିଙ୍ଗିଆ, ୬।୧୧:** ଫିରିଙ୍ଗିଆ ବ୍ଲକ ସୁମରବନ୍ଧ ପଞ୍ଚାୟତ ଡମାଙ୍ଗପଦରରେ ଜାଗ୍ରତ କନ୍ଧମାଳ ପକ୍ଷରୁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଖ୍ୟା ଲଘୁ ସମ୍ପ୍ରଦାୟଙ୍କ ସାମ୍ବିଧାନିକ ଅଧିକାର ଉପରେ ଉପସ୍ଥିତ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ସେହିପରି ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଜାଜେସପାଙ୍ଗାଠାରୁ ସୁମରବନ୍ଧ ରାସ୍ତା ମରାମତି ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଥିଲା । ସଂଖ୍ୟାଲଘୁଙ୍କ ନିମନ୍ତେ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଅନୁଦାନ ବାସଗୃହ ହିତାଧିକାରୀଙ୍କୁ ମିଳୁ ନ ଥିବାରୁ କେତେଜଣ ଅସନ୍ତୋଷ ପ୍ରକାଶ କରିଥିଲେ। ଜାଗ୍ରତ କନ୍ଧମାଳ ସଭାପତି ଅଙ୍ଗଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ସତ୍ୟନାରାୟଣ ବେହେରା, ମହିଳା ସଭାନେତ୍ରୀ କଳ୍ପନା ମାଝି, ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ, ୱାର୍ଡ ସଭ୍ୟା ଝୁମୁକି କହଁରଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ ।

■ ହାତୀମୁଣ୍ଡା ଅଞ୍ଚଳରେ ୯ଟାରୁ ସ୍କୁଲ ବନ୍ଦ ଘଟଣା

# ଜିଲାପାଳଙ୍କ ନିର୍ଦ୍ଦେଶରେ ବିଇଓ କଲେ ତଦନ୍ତ

**ଦାରିଙ୍ଗବାଡ଼ି,୬।୧୧(ଡି.ଏନ.ଏ)**

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଦୁର୍ଗମ ପଞ୍ଚାୟତ ହାତୀମୁଣ୍ଡା ଅଞ୍ଚଳରେ ଶନିବାର ସକାଳ ୯ଟାବେଳେ ସମସ୍ତ ବିଦ୍ୟାଳୟ ବନ୍ଦ ଘଟଣାକୁ ନେଇ କନ୍ଧମଳ ଜିଲାପାଳ ଡ. ବୃନ୍ଦା ଡି ଦାରିଙ୍ଗବାଡ଼ି ବିଇଓଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ବିଇଓ ପୁରେନ୍ଦ୍ର ବେହେରା ସୋମବାର ହାତୀମୁଣ୍ଡା ପଞ୍ଚାୟତ ଅଞ୍ଚଳରେ ରହିଥିବା ବିଭିନ୍ନ ବିଦ୍ୟାଳୟ ସମେତ ସେବାଶ୍ରମକୁ ଯାଇ ତଦନ୍ତ କରିଛନ୍ତି। ରିପୋର୍ଟ ଜିଲାପାଳ ଏବଂ କନ୍ଧମାଳ ଜିଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିବେ ବୋଲି ବିଇଓ ବେହେରା କହିଛନ୍ତି। ଏଥିପାଇଁ ସେ ମଙ୍ଗଳବାର ଫୁଲବାଣୀ ଯାଇଛନ୍ତି। ଏନେଇ ଜିଲା ଶିକ୍ଷା ଅଧିକାରୀ ବିକାଶ ପ୍ରଧାନ କହିଛନ୍ତି ଯେ, ବିଇଓ ବେହେରା ପ୍ରଥମେ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବେ ଜିଲାପାଳଙ୍କ ନିର୍ଦ୍ଦେଶ ପ୍ରକାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରକାଶ ଯେ, ଶନିବାର ଏକ ଆଲୋଚନା ଚକ୍ର ପାଇଁ ସିଆରସିସି ଅଜୟ ବଳିଆରସିଂ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସକାଳ ୧୦ଟାରେ ହାତୀମୁଣ୍ଡା ସେବାଶ୍ରମରେ ପହଞ୍ଚିବାକୁ ଚିଠି ମାଧ୍ୟମରେ ଜଣାଇଥିଲେ। ତେବେ କେତେଜଣ ଶିକ୍ଷକ ନିଜ ବିଦ୍ୟାଳୟକୁ ଖୋଲି ନ ଥିବା ବେଳେ ଆଉ କେତେଜଣ ଶିକ୍ଷକ ସକାଳ ୯ଟା ବେଳେ ବିଦ୍ୟାଳୟରେ ତାଲା ପକାଇ ବୈଠକକୁ ଯାଇଥିଲେ। ତେବେ ଏଭଳି ବିଦ୍ୟାଳୟ ପାଠ ପଢ଼ାଛାଡ଼ି ବନ୍ଦ କରି ବୈଠକକୁ ଡକାଯାଇପାରିବା କ୍ଷମତା ସିଆରସିସିଙ୍କର ନାହିଁ କିମ୍ବା ବିଇଓଙ୍କର ମଧ୍ୟ ନାହିଁ ବୋଲି ବିଇଓ ବେହେରା କହିଥିଲେ। ଏନେଇ କେବଳ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହା ପରେ ଜିଲା ପ୍ରଶାସନ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

■ ଦିପାବଳୀ ପାଇଁ କଡା ସୁରକ୍ଷା ବ୍ୟବସ୍ଥା

# ସରକାରୀ ଜମିରେ ଖୋଲିଲା ୩ ବାଣ ଦୋକାନ

**ଦାରିଙ୍ଗବାଡି,୬।୧୧(ଡି.ଏନ.ଏ.)**

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଦିପାବଳୀ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ବିଶେଷ କରି ଏହି ଅଞ୍ଚଳ ମାଓବାଦୀ ପ୍ରବଣ ହୋଇଥିବାରୁ ବାଣ ଫୁଟାଇବା ଉପରେ ପୂର୍ବରୁ ପ୍ରତିବନ୍ଧକ ରହୁଥିଲା । ଗତ କିଛି ବର୍ଷ ହେଲା ଦାରିଙ୍ଗବାଡି ସମେତ ବ୍ରାହ୍ମଣୀଗାଁ ଅଞ୍ଚଳରେ ମାଓବାଦୀ ଉପଦ୍ରବ କମିବାରେ ପରେ ଏହି ଦିନ ମାନଙ୍କରେ ବାଣ ଫୁଟାଇବାକୁ ପ୍ରଶାସନ ଅନୁମତି ପ୍ରଦାନ କରୁଛି । ଦାରିଙ୍ଗବାଡିରେ ଚଳିତ ବର୍ଷ ମାତ୍ର ୩ଟି ବାଣ ଦୋକାନ ଖୋଲାଯାଇଛି। ଏହାକୁ ପ୍ରଶାସନ ଅନୁମତି ପ୍ରଦାନ କରିବା ସହ ସରକାରୀ ଜମି ତଥା ରାଜସ୍ୱ ବିଭାଗ ଡାକ ବଙ୍ଗଳା ପ୍ରାଙ୍ଗଣରେ ଏହି ବାଣ ଦୋକାନ ସବୁ ଖୋଲାଯାଇଥିବା ଅତିରିକ୍ତ ତହସିଲଦାର ସୁନିଲ କୁମାର ପ୍ରଧାନ କହିଛନ୍ତି। ଆଇଆଇସି ଅଲେଖ ଗରଡିଆ ଉକ୍ତ ବାଣ ଦୋକାନ ଗୁଡ଼ିକ ବୁଲି ଦେଖିବା



ଦାରିଙ୍ଗବାଡ଼ି ଠାରେ ଖୋଲାଯାଇଥିବା ବାଣ ଦୋକାନ।

ସହ ବିକ୍ରୀ ପାଇଁ ଅନୁମତି ମଳିଥିବା କାଗଜ ପତ୍ରକୁ ଯାଞ୍ଚ କରିଥିବା କହିଛନ୍ତି। ରାତି ୮ରୁ ୧୦ ପର୍ଯ୍ୟନ୍ତ ବାଣ ଫୁଟାଇବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିବାରୁ ବ୍ୟବସାୟ ବହୁତ ମାନ୍ଦା ଥିବା ବ୍ୟବସାୟୀ ମାନେ କହିଛନ୍ତି। ଶବ୍ଦ ବାଣ ଅପେକ୍ଷା ଫେନ୍ସି ବାଣ ଅଧିକା ଗ୍ରାହକ ମାନେ ପସନ୍ଦ କରୁଥିବା କୁହାଯାଇଛି। ସେହିପରି ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବା ପାଇଁ ଦାରିଙ୍ଗବାଡ଼ି ଏବଂ ବ୍ରାହ୍ମଣୀଗାଁ ଠାରେ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହ ପାଟ୍ରୋଲିଂ କରାଯାଉଛି।

# ଜି.ଉଦୟଗିରି ଏନ୍‌ଏସି କାଉନ୍‌ସିଲ ବୈଠକ

## ୩୦ ସୁଦ୍ଧା କାର୍ଯ୍ୟକ୍ଷମ ହେବ କଲ୍ୟାଣ ମଣ୍ଡପ

**ଜି.ଉଦୟଗିରି,୬।୧୧(ଡି.ଏନ.ଏ.)**

ଜି.ଉଦୟଗିରି ଏନ୍‌ଏସିର କାଉନ୍‌ସିଲ ବୈଠକ ପି. ସଞ୍ଜୀବ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ସୋମବର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପାଧ୍ୟକ୍ଷା ଭାନୁପ୍ରଭା ମିଶ୍ରଙ୍କ ସମେତ ସମସ୍ତ କାଉନସିଲର ଯୋଗ ଦେଇଥିଲେ। ଚଳିତ କାଉନ୍‌ସିଲର କାର୍ଯ୍ୟକାଳ ଆସନ୍ତା ଡିସେମ୍ବର ୮ରେ ସରି ଯାଉଥିବା ଯୋଗୁ ଏହି ବୈଠକ ଗୁରୁତ୍ୱପୂର୍ଣ୍ଣ ଥିଲା। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର ବିବରଣୀ ପାଠ କରିଥିଲେ। ସହରବାସୀଙ୍କ ବହୁ ପ୍ରତୀକ୍ଷିତ ନିର୍ମାଣାଧୀନ କଲ୍ୟାଣ ମଣ୍ଡପକୁ ନଭେମ୍ବର ୩୦ ସୁଦ୍ଧା କାର୍ଯ୍ୟକ୍ଷମ କରାଯିବ ବୋଲି କହିଥିଲେ। ବୈଠକରେ ଉପାଧ୍ୟକ୍ଷା ଭାନୁପ୍ରଭା ମିଶ୍ର, କାଉନ୍‌ସିଲର ଗୌହରା ସୁଲତାନ ବେଗମ, ଅନିଲ କୁମାର ଦଳବେହେରା, ରେଣୁକା କହଁର, ସମିର କୁମାର ପାଢ଼ୀ, ଜାଲିନା



ବୈଠକରେ ଉପସ୍ଥିତ ଏନ୍‌ଏସି ଅଧ୍ୟକ୍ଷ, ଉପାଧ୍ୟକ୍ଷା ଓ କାଉନସିଲରମାନେ।

ପ୍ରିୟଦର୍ଶିନୀ, ରମେଶ ଚନ୍ଦ୍ର ବେହେରା ପ୍ରମୁଖ ନୂତନ ବସଷ୍ଟାଣ୍ଡ, କଲ୍ୟାଣ ମଣ୍ଡପ ଓ ଶୌଚାଳୟକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ପ୍ରସ୍ତାବ ଦେଇଥିଲେ। ଅନେକ କାଉନ୍‌ସିଲର ସେମାନଙ୍କ ୱାର୍ଡରେ ଉନ୍ନୟନମୂଳକ କାମ ଓ ପାନୀୟ ଜଳ ଯୋଗାଣ ଠିକ ଭାବେ ହେଉନାହିଁ ବୋଲି ଅଭିଯୋଗ କରିଥିଲେ। ଅଧ୍ୟକ୍ଷ, ଉପାଧ୍ୟକ୍ଷା ଓ କାଉନସିଲରମାନେ ଏନ୍‌ଏସି କର୍ମଚାରୀମାନଙ୍କ ସହଯୋଗକୁ ମଧ୍ୟ ପ୍ରଶଂସା କରିଥିଲେ। ବାକି ରହିଯାଇଥିବା ସମସ୍ତ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରାଯିବ ବୋଲି ଏନ୍‌ଏସି ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର କହିଥିଲେ।

# ଗୋଚ୍ଛାପଡ଼ାରେ ମାଓବାଦୀ ପୋଷ୍ଟର



ଲିଫଲେଟ ।

**ଫିରିଙ୍ଗିଆ,୬।୧୧**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ଥାନା ଅଞ୍ଚଳରେ ମଙ୍ଗଳବାର ମାଓବାଦୀ ପୋଷ୍ଟର ଓ ଲିଫଲେଟ ଆଦି ଦେଖିବାକୁ ମିଳିଛି । ଗୋଚ୍ଛାପଡ଼ା ଥାନା ପାଖ ବନ ବିଭାଗ କାର୍ଯ୍ୟାଳୟ, ଗୋଚ୍ଛାପଡା ବଜାର, ହାଟପଦା ଆଦି ସ୍ଥାନରେ ଏହି ପୋଷ୍ଟର ମରାଯାଇଥିବା ବେଳେ ଲିଫଲେଟ ତଳେ ଫୋପଡାଯାଇଛି । ରୋଜଗାର, ଜମି, ଜଙ୍ଗଲ ଉପରେ ଅଧିକାର ଏବଂ ମୌଳିକ ସୁବିଧା ସରକାର ଯୋଗାଇ ନ ଦେବାରୁ ଲୋକେ ବାଧ୍ୟ ହୋଇ ଗଞ୍ଜେଇ ଚାଷ କରୁଛନ୍ତି, ପ୍ରଥମେ ରୋଜଗାର ଜମି, ଜଙ୍ଗଲ ଅଧିକାର ଦିଅ ତା ପରେ ଗଞ୍ଜେଇ ଗଛ କାଟ ବୋଲି ସେଥିରେ ଲେଖାଯାଇଛି। ଗଞ୍ଜେଇ ଗଛ କାଟିବାକୁ ଆସୁଥିବା ପୋଲିସ, ବନ ବିଭାଗ କର୍ମଚାରୀଙ୍କୁ ପାରମ୍ପରିକ ଅସ୍ତ୍ରରେ ଆକ୍ରମଣ କରିବା, ସରକାରୀ ମଦ ବନ୍ଦ କରିବା ଆଦି ଲିଫଲେଟରେ ଲେଖା ଯାଇଥିବା ବେଳେ ତଳେ କେକେବିଏନ୍ ଡିଭିଜନାଲ କମିଟି ବୋଲି ଉଲ୍ଲେଖ ରହିଛି। ଗୋଚ୍ଛାପଡା ଥାନା ଅଧିକାରୀଙ୍କୁ ଶୁକ୍ରବାର ଆକ୍ରମଣ କରାଯାଇଥିବା ଘଟଣା ପରେ ଏଭଳି ପୋଷ୍ଟର ଲାଗି ଥିବାରୁ ଏହା ଗଞ୍ଜେଇ ଚୋରା ବ୍ୟବସାୟୀଙ୍କ କାର୍ଯ୍ୟ ବୋଲି ପୋଲିସ ଅନୁମାନ କରୁଛି । ଘଟଣା ଉପରେ ଆମେ ତର୍ଜମା କରିବୁ । ଏବେ ଗଞ୍ଜେଇ ଧରପଗଡ ହେଉଥିବାରୁ ଏହା ଗଞ୍ଜେଇ ଚୋରା ବ୍ୟବସାୟୀଙ୍କ କାର୍ଯ୍ୟ ବୋଲି ସନ୍ଦେହ କରୁଛୁ । ତଥାପି ଏହା ଉପରେ ନଜର ରଖିଛୁ ବୋଲି ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

### ସୂଚନା ଅଧିକାର ଆଇନ ସଂକ୍ରାନ୍ତ କର୍ମଶାଳା

**ପାରଳାଖେମୁଣ୍ଡି, ୬।୧୧(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଏସ୍‌ଡବ୍ଲ୍ୟୁଡବ୍ଲ୍ୟୁଏସ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଜିଲାସ୍ତରୀୟ ସୂଚନା ଅଧିକାର ଆଇନ ସଂକ୍ରାନ୍ତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାୟଗଡ ବ୍ଲକର ପଞ୍ଚାୟତ ପ୍ରତିନିଧି ସଂଘମିତ୍ରା ଶବର ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଡିଏସ୍‌ପି ଗୌତମ ମଲ୍ଲିକ ଯୋଗଦେଇଥିଲେ । ସୂଚନା ଅଧିକାର ଆଇନର ବିଭିନ୍ନ ଦିଗ ତଥା କାର୍ଯ୍ୟକାରିତା ଉପରେ କର୍ମଶାଳାରେ ଆଲୋଚନା ହୋଇଥିଲା। ସୂଚନା ଅଧିକାର ଆଇନ ବ୍ୟବହାର କରି ଲୋକେ କିଭଳି ବିଭିନ୍ନ ଯୋଜନାରେ ସାମିଲ ହୋଇ ଲାଭବାନ ହେଉଛନ୍ତି ସେନେଇ ସୂଚନା ଦିଆଯାଇଥିଲା। ସେହିପରି ଅନେକ ବ୍ୟକ୍ତି ଏହି ଆଇନର ଦୂରୁପଯୋଗ କରି ବିଭିନ୍ନ ସମୟରେ ଅଧିକାରୀମାନଙ୍କୁ ଭୟଭୀତ କରାଇଥାନ୍ତି। ତେବେ ଏହି ଆଇନ ଦ୍ୱାରା ସତ୍ୟ ପଦାକୁ ଆଣିବା ସହ ଯେପରି ଲୋକଙ୍କ ହିତ ସାଧନ କରାଯାଇପାରିବ ତାହା ଉପରେ ଦୃଷ୍ଟି ଦିଆଯିବା ଆବଶ୍ୟକ ବୋଲି ଅତିଥିମାନେ ମତ ରଖିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପିକା କଲ୍ୟାଣୀ ମିଶ୍ର, ଏସ୍‌ଡବ୍ଲ୍ୟୁଡବ୍ଲ୍ୟୁଏସ୍ ସଭାପତି ଡି.ଜଗନ୍ନାଥ ରାଜୁ, ଆଇନଜୀବୀ ହରିଶ ନାୟକ, ସମାଜସେବୀ ଭାଗବତ ପାଢୀ, ଦୁର୍ଗାମାଧବ ପଣ୍ଡା, ଲିଙ୍ଗରାଜ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ବଲସ୍କୁମ୍ପାରେ ବିଏସ୍‌ଏନ୍‌ଏଲ୍ ସେବା ଠପ

**ଖଜୁରିପଡା,୬।୧୧(ଡି.ଏନ୍.ଏ.)**

ଖଜୁରିପଡା ବ୍ଲକ ବଲସକୁମ୍ପା ପଞ୍ଚାୟତର ସ୍ଥାନୀୟ ମା' ବରାଳଦେବୀ ପୀଠରେ ବସାଯାଇଥିବା ବିଏସ୍‌ଏନ୍‌ଏଲ୍ ଟାୱାର ଦିର୍ଘଦିନ ହେଲା ଠିକ୍‌ରେ କାମ କରୁନାହିଁ। ଫଳରେ ଏହା ଅଧିନରେ ଥିବା ୨୫ଟି ଗ୍ରାମର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଥିବା ସ୍ଥାନୀୟ ମା' ଇଷ୍ଟଦେବୀ ଯୁବକଳା ପରିଷଦ ଯୁବକ ସଂଘ ଅଭିଯୋଗ କରିଛି। ବରାଳଦେବୀ ସମଗ୍ର କନ୍ଧମାଳର ଇଷ୍ଟଦେବୀ ହୋଇଥିବାବେଳେ ଏହା ଏକ ପର୍ଯ୍ୟଟନସ୍ଥଳୀ ମଧ୍ୟ। ଫଳରେ ପ୍ରତ୍ୟେକ ଦିନ ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଶ୍ରଦ୍ଧାଳୁ ପର୍ଯ୍ୟଟକ ଆସିଥାନ୍ତି। ପର୍ଯ୍ୟଟକ ଓ ଅଞ୍ଚଳବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଠାରେ ବିଏସ୍‌ଏନ୍‌ଏଲ୍ ପକ୍ଷରୁ ଟାୱାର ସ୍ଥାପନ ହୋଇଥିଲା। ମାତ୍ର ଦୁଃଖର ବିଷୟ ଏହା ଲୋକଙ୍କ କାମରେ ଆସୁନାହିଁ। ଟାୱାରର ଲୁଚକାଳି ଖେଳ ଯୋଗୁ



ବରାଳଦେବୀଙ୍କ ପୀଠରେ ଥିବା ଟାୱାର।

ବାରମ୍ବାର କଲ୍‌ଡ୍ରପ୍ ଓ ଇଣ୍ଟରନେଟ୍ ବ୍ୟବହାରକାରୀ ହଇରାଣ ହେଉଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ ଫଳ ମିଳୁନାହିଁ। ଏନେଇ ବିଏସ୍‌ଏନ୍‌ଏଲ୍ ସହକାରୀ ଯନ୍ତ୍ରୀ ସୁରେଶ କୁମାର ସାହୁଙ୍କୁ ପଚାରିବାରୁ, ବର୍ତ୍ତମାନ ଠିକ୍ କରାଯିବାକୁ ଚେଷ୍ଟା ଚାଲିଛି ବୋଲି କହିଥିଲେ।

ଏସ.କରଡାସିଂ ସରପଞ୍ଚଙ୍କ ଅଭିଯୋଗ

# ବାତ୍ୟା କ୍ଷୟକ୍ଷତି ଆକଳନ ହୋଇନି

**ରାୟଗଡ (ଗଜପତି), ୬।୧୧(ଡି.ଏନ.ଏ):** ତିତ୍‌ଲି ପ୍ରଭାବରେ ଗଜପତି ଜିଲାର ରାୟଗଡ ବ୍ଲକ ଅଧିକ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ଅଦ୍ୟାବଧି ଏହି ପଞ୍ଚାୟତ ଅଧୀନ ଏସ.କରଡାସିଂ ପଞ୍ଚାୟତରେ କ୍ଷୟକ୍ଷତିର ଆକଳନ କରାଯାଇନାହିଁ। ସେହିପରି ଭାଙ୍ଗିଯାଇଥିବା ଘର ମରାମତି କିମ୍ବା ନୂତନ ଗୃହ ନିର୍ମାଣ ଲାଗି ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇନାହିଁ ବୋଲି ସରପଞ୍ଚ ଦମୟନ୍ତୀ ଶବର ଅଭିଯୋଗ ଆଣିଛନ୍ତି। ସୂଚନା ଅନୁଯାୟୀ ଏସ. କରଡାସିଂ ପଞ୍ଚାୟତରେ ସବୁଗ୍ରାମ ପାହାଡିଆ ଅଞ୍ଚଳରେ ଥିବାବେଳେ ତିତିଲି ବାତ୍ୟାରେ ଶତାଧିକ ଗ୍ରାମ ପ୍ରଭାବିତ ହୋଇଛି। ୧୧ଟି ୱାର୍ଡର ୨୨ଟି ଗ୍ରାମକୁ ନେଇ ଗଠିତ ଉକ୍ତ ପଞ୍ଚାୟତର ଜନସଂଖ୍ୟା ପ୍ରାୟ ୫ ହଜାର। ବାତ୍ୟାରେ ଉକ୍ତ ପଞ୍ଚାୟତର ବଣ୍ଡା, ଖିଲିଗଣ୍ଡା, ରୁପସାହି, ତିତିସିଂ, ରାଙ୍ଗଡା, ବିସମ, କୁଡୁଙ୍ଗି, ଉପର ସାଙ୍କୁରଡା, ଅବାପୁର, କରଣସାହି ଆଦି ଗ୍ରାମ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପ୍ରଶାସନ କେବଳ ପଲିଥିନ ସହ ୫୦କେଜି ଚାଉଳ ଓ ୧ହଜାର ଟଙ୍କା ଦେଇଛନ୍ତି। ମାତ୍ର କେହି ଅଧିକାରୀ ଆସି ଭାଙ୍ଗିଯାଇଥିବା ଗୃହର କ୍ଷୟକ୍ଷତି ଆକଳନ କରିନଥିବା ସରପଞ୍ଚ ଶବର କହିଛନ୍ତି।

# ବିଷମୁକ୍ତ ଖାଦ୍ୟ ପାଇଁ ପାହୁରାଣୀରେ କୁଟାଯାଉଛି ଧାନ

**ଅରୁଣ କୁମାର ସାହୁ**
**ଦାରିଙ୍ଗବାଡି,୬।୧୧(ଡି.ଏନ୍.ଏ.)**

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳ ଜନଜାତି ଅଧ୍ୟୁଷିତ ଅଞ୍ଚଳ ଭାବେ ଜଣାଶୁଣା। ସେମାନେ ଖାଦ୍ୟ ବିଶେଷ କରି ଶସ୍ୟ ଉପରେ ନିର୍ଭର କରିବା ସହ ଜଙ୍ଗଲଜାତ ଦ୍ରବ୍ୟକୁ ମଧ୍ୟ ଖାଦ୍ୟ ଭାବେ ବ୍ୟବହାର କରିଆସୁଥିବା ନଜିର ରହିଛି।

ତେବେ ସମୟର ପରିବର୍ତ୍ତନ ସାଙ୍ଗକୁ ଖାଦ୍ୟରେ ପରିବର୍ତ୍ତନ ଆସିଛି। ଏବେ ଗାଁ ଗାଁରେ ଫାଷ୍ଟଫୁଡ୍‌ର ଚାହିଦା ବୃଦ୍ଧି ପାଉଛି। ଏହାକୁ ଯୁବପିଢି ଏବଂ ଛୋଟ ଶିଶୁମାନେ ଆଗ୍ରହ ସହକାରେ ଖାଉଛନ୍ତି। ଚାଇନା ସଲ୍‌ଟ ସହ ବିଭିନ୍ନ ରାସାୟନିକ ସାମଗ୍ରୀ ପଡୁଥିବା ଏହି ଫାଷ୍ଟଫୁଡ ଖାଇ ଅଞ୍ଚଳରେ ଲୋକେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। କିନ୍ତୁ ଏବେବି ଅଞ୍ଚଳରେ ବିଷମୁକ୍ତ ଖାଦ୍ୟ ଖାଇବା ପାଇଁ ଜନଜାତି ସମ୍ପ୍ରଦାୟର ଲୋକମାନେ ଉଦ୍ୟମ ଜାରି ରଖିଛନ୍ତି। ଘରେ ନିଜ ହାତ ପାହୁରାଣି ମାଧ୍ୟମରେ ଧାନ ସମେତ କୁଏରୀ, କାଙ୍ଗୁ, ମାଣ୍ଡିଆ, ଜହ୍ନା, ଡାଲି ଜାତୀୟ ଫସଲ କାନ୍ଦୁଲକୁ କୁଟି ଖାଦ୍ୟ ଭାବେ ବ୍ୟବହାର କରୁଛନ୍ତି। ଏଥିସହ ବାଡିରେ ପନିପରିବାକୁ ଜୈବିକ ପଦ୍ଧତିରେ ଚାଷ କରି ତାକୁ ଖାଦ୍ୟ



ଜଣେ ଜନଜାତି ସମ୍ପ୍ରଦାୟର ମହିଳା ହାତ ପାହୁରାଣୀରେ ଧାନ କୁଟୁଛନ୍ତି।

ଭାବେ ଗ୍ରହଣ କରୁଛନ୍ତି। ଏହାଦ୍ୱାରା ଶରୀରକୁ ସୁସ୍ଥ ରଖିବା ସହ ସାମାଜିକ ଚଳନିରେ ସୁସ୍ଥତା ପାଇଁ ଉଦ୍ୟମ ଅବ୍ୟାହତ ରହିଛି। ବ୍ଲକର ୨୫ ପଞ୍ଚାୟତ ମଧ୍ୟରେ ଦୁର୍ଗମ ଏବଂ ଅପହଞ୍ଚ ଗ୍ରାମଗୁଡିକରେ କେବଳ ଏଭଳି ବିଷମୁକ୍ତ ଖାଦ୍ୟ ଖାଉଥିବା ଦେଖିବାକୁ ମିଳୁଛି। ଏବେ ଗାଁ ଗାଁରେ ବିଦ୍ୟୁତ୍ ପହଞ୍ଚି ଥିବାବେଳେ ବିଭିନ୍ନ ସ୍ଥାନରେ ଧାନକଳ ବସିଛି। ଆଉ କେତେକ ଗାଁରେ ଡିଜେଲ ଚାଳିତ ଧାନକଳ ବସିଛି। ସେଥିରେ ଲୋକେ ଧାନ ପେଷି ଚାଉଳ କରୁଛନ୍ତି। ଏଥିପାଇଁ ମଧ୍ୟ ଖର୍ଚ୍ଚ ହେଉଥିବାରୁ ଅନେକ ଲୋକ ନିଜ ଜମିରୁ ଆଦାୟ ଜୈବିକ ପଦ୍ଧତିରେ ଚାଷ କରାଯାଇଥିବା ଧାନକୁ ବଜାର କିମ୍ବା ସମିତିରେ ବିକି ବଜାରରୁ ରାସାୟନିକ ସାର ବ୍ୟବହାର ହୋଇଥିବା ଚାଉଳ କିଣି ଖାଇବା ସହ ସରକାରଙ୍କ ପକ୍ଷରୁ ମିଳୁଥିବା ସାଧାରଣ ବଣ୍ଟନ ଚାଉଳକୁ କିଣି ଖାଉଛନ୍ତି। କୁହାଯାଏ ଯେ ଧାନକୁ କୁଟିବା ଦ୍ୱାରା ତା'ର ସାର ଅଂଶ ରହିଥାଏ ଯାହା ସ୍ୱାସ୍ଥ୍ୟ ପାଇଁ ହିତକର। ମେଶିନରେ ପେଷିଲେ ତାହା ନଷ୍ଟ ହୋଇଯାଇଥାଏ। ହାତ ପାହୁରାଣିକୁ ମହିଳାମାନେ ବ୍ୟବହାର କରୁ ନ ଥିବା ବେଳେ ସେମାନଙ୍କ ପରିଶ୍ରମ

**ଜୈବିକ ପଦ୍ଧତିରେ ଚାଷ ହେଉଛି ଖାଦ୍ୟଶସ୍ୟ**

କମିଯାଉଥିବା ସହ ରାସାୟନିକ ଖାଦ୍ୟ ଗ୍ରହଣ କରି ଅନେକ ସମୟରେ ବିଭିନ୍ନ ବାତଜନିତ ରୋଗ ଭୋଗୁଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍‌ଚାର୍ଜ ଡାକ୍ତର ଜୟପାଲ ସେନାପତି କହିଛନ୍ତି। ହାତ ପାଉରାଣୀରେ ଧାନ ସମେତ ବିଭିନ୍ନ ଶସ୍ୟ ଡାଲି ଜାତୀୟ ଫସଲ କୁଟିବା ଶରୀର ପାଇଁ କଷ୍ଟସାଧ୍ୟ ବୋଲି ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ କହିଛନ୍ତି। ଅଞ୍ଚଳବାସୀ ନିଜ ଜମିରୁ ଆଦାୟ କରୁଥିବା ଜୈବିକ ଫସଲକୁ ଖାଦ୍ୟ ଭାବେ ବ୍ୟବହାର କରିବା ଜରୁରୀ, ଏଥିସହ ସରକାରଙ୍କ ପକ୍ଷରୁ ରିହାତି ଦରରେ ଧାନ ଏବଂ ଅନ୍ୟାନ୍ୟ ଶସ୍ୟ ପେସିବା ପାଇଁ କମ୍ ଦରରେ ମେଶିନ ମିଳୁଛି ତାକୁ ବ୍ୟବହାର କରିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ଉକ୍ତ ବ୍ଲକର ପର୍ତ୍ତମାହା ପଞ୍ଚାୟତର ମତରବାଡି ସମେତ ପେତାରବାଡି, ସିଦୁପାଦେରୀ, ଲଟେସବାନ୍ଦା, ଭ୍ରମରବାଡିର କେରୁବାଡି, ଶ୍ରାମବାଡି, ବୁଡାଙ୍ଗପିପାଲି, ଦନେକବାଡି, ସିର୍କାବର୍ଗର ଉଗଡିଙ୍ଗ, ସିର୍କାବର୍ଗ, ଆଡିନବାଡି, ସ୍ରାକିପାଙ୍ଗା, କଟଡମାହା, ସିଆଙ୍ଗବାଲି ସମେତ ଗୁମିକିଆ, କୁମ୍ଭାରିଗାଁ, କାଟିଙ୍ଗିଆ, ହାତିମୁଣ୍ଡା, ସରାମୁଳି ଭଳି ଦୁର୍ଗମ ପଞ୍ଚାୟତ ଅଞ୍ଚଳରେ ଥିବା ଅପହଞ୍ଚ ଗ୍ରାମଗୁଡିକରେ ଏବେବି ଏହି ହାତ ପାହୁରାଣି ଉପରେ ଲୋକେ ନିର୍ଭର କରିବା ସହ ବିଷମୁକ୍ତ ଖାଦ୍ୟକୁ ଗ୍ରହଣ କରି ସୁସ୍ଥ ସବଳ ଥିବା ପେତରବାଡି ଗ୍ରାମର ସାବଜିନୀ ପ୍ରଧାନ, ବୁଡାଙ୍ଗପିପାଲି ଗ୍ରାମର ନମଜିନୀ ପ୍ରଧାନ, ସରିତା ପ୍ରାଧାନ ପ୍ରମୁଖ କହିଛନ୍ତି।

ସେହିପରି ଉକ୍ତ ବ୍ଲକର ଭ୍ରମରବାଡି ସମେତ କିଛି ପଞ୍ଚାୟତବାସୀ ସପ୍ତାହକୁ ୨ଦିନ ଅର୍ଥାତ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକ ରବିବାର ଏବଂ ହିନ୍ଦୁ ସମ୍ପ୍ରଦାୟର ଲୋକ ଗୁରୁବାର ବିଷମୁକ୍ତ ଖାଦ୍ୟ ଖାଇବା ପାଇଁ ଶପଥ ନେବା ସହ ଏହାକୁ ପାଳନ କରିବା ପାଇଁ ଉଦ୍ୟମ କରୁଥିବା ଜଣାପଡିଛି। ସୂଚନା ଯୋଗ୍ୟ ଯେ, ଉକ୍ତ ବ୍ଲକ ଅଞ୍ଚଳରେ ମସଲା ଜାତୀୟ ଫସଲ ଏବଂ ବିଭିନ୍ନ ପ୍ରକାର ପନିପରିବା ଏବଂ ଶସ୍ୟକୁ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ଜୈବିକ ପଦ୍ଧତିରେ ଚାଷ କରାଯାଉଛି। ଚାଷର ପଦ୍ଧତି ସମ୍ପର୍କରେ ତାଲିମ ସହ ବିଷମୁକ୍ତ ଖାଦ୍ୟକୁ ବ୍ୟବହାର କରିବା ପାଇଁ ସ୍ୱତନ୍ତ୍ର ଭାବେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ତାଲିମ ପ୍ରଦାନ କରାଯାଉଛି।

### ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

**ପାରଳାଖେମୁଣ୍ଡି, ୬।୧୧(ସ୍ୱ.ପ୍ର.)**

ଗଜପତି ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବୈଠକ ପାରଳାଖେମୁଣ୍ଡିସ୍ଥିତ ବଡ ରାଧାକାନ୍ତ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ପ୍ରସନ୍ନ ପଟ୍ଟନାୟକ ପୂର୍ବ ମାସର ବିବରଣୀ ପାଠ କରିଥିଲେ। ସ୍ଥାନୀୟ ଷ୍ଟେଟ ବ୍ୟାଙ୍କରେ ପେନ୍‌ସନ୍‌ଧାରୀଙ୍କ ପାଇଁ ସ୍ୱତନ୍ତ୍ର କାଉଣ୍ଟର କରାଯାଇନଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପେନ୍‌ସନ୍ ନେବା ବେଳେ ତୁରନ୍ତ ପାସବୁକ୍‌ଅପଡ଼େଟ୍ କରିଦେବାକୁ ଦାବି ହୋଇଥିଲା। ଗତ ତିତ୍‌ଲି ବାତ୍ୟା ବେଳେ ମହେନ୍ଦ୍ରତନୟା ନଦୀର ଜଳ ସହର ଭିତରକୁ ଚାଲିଆସିଥିଲା। ଏହି ସମସ୍ୟା ଦୂର ପାଇଁ ନଦୀର ଆଡିବନ୍ଧଗୁଡିକ ଅଧିକ ଉଚ୍ଚତା କରିବା ପାଇଁ ଦାବି ହୋଇଥିଲା । ଏ ସମ୍ପର୍କରେ ରାଜ୍ୟ ଜଳସେଚନ ବିଭାଗକୁ ଦାବିପତ୍ର ଦେବାକୁ ସ୍ଥିର ହୋଇଛି। ଖାଉଟି କାର୍ଡ ନ ଥିବା ବରିଷ୍ଠ ନାଗରିକଙ୍କୁ ଗହମ ଓ ଚାଉଳ ରିହାତି ଦରରେ ଯୋଗାବାକୁ ମଧ୍ୟ ଦାବି କରାଯାଇଛି। ବୈଠକରେ ଉପସଭାପତି ବନମାଳୀ ମହାପାତ୍ର, ଦୁର୍ଗା ପଟ୍ଟନାୟକ, ବିନୋଦ ଚନ୍ଦ୍ର ଜେନା, ଭକ୍ତରାମ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।